

ପ୍ରକାଶକ :
ଗୋବିନ୍ଦ ଚନ୍ଦ୍ର ମହାନ୍ତି
ସାହିତ୍ୟ ସଂସାର
ବାଙ୍କାବଜାର, କଟକ—୨

ପ୍ରଚ୍ଛଦପଟ:
ବିଭୂତି କାନୁନଗୋ

ମୁଦ୍ରକ :
ନବଭାରତ ପ୍ରେସ
କଟକ—୨

ପ୍ରଥମ ଜନପ୍ରିୟ ସଂସ୍କରଣ
ଜାନୁଆରୀ—୧୯୫୭

ଏକଟଙ୍କା

ଜ୍ୟୋତ୍ସ୍ନା ! ଚନ୍ଦ୍ରର କିରଣ ପରି ଶୀତଳ, ଶୁଭ୍ର ଓ ସ୍ନିଗ୍ଧ । ତାର ଚିର ଚଞ୍ଚଳ ଭଙ୍ଗୀ ଶତ ତରୁଣର ଦମ୍ଭ ଭାଙ୍ଗିଦିଏ । କ୍ଷଣିକ ଦର୍ଶନ ଚିର-ସ୍ମୃତିରେ ପରିଣତ କରିଦିଏ । ଅପୂର୍ବ ତାର ଲାବଣ୍ୟ ।

ଦିନ ଗଡ଼ି ଚାଲିଛି । ଜ୍ୟୋତ୍ସ୍ନାକୁ ଷୋହଳ ପୂରି ସତର ହେଲାଣି । ତଥାପି ସେ ବୃଦ୍ଧ ମାଲକଣ୍ଠଙ୍କ ଆଗରେ ପିଲା । ସ୍ତ୍ରୀକୁ ହରାଇଲା ଦିନୁ ଏଇ ଜ୍ୟୋତ୍ସ୍ନାକୁ ଚାହିଁ ମାଲକଣ୍ଠ ସବୁ ଭୁଲି ଯାଇଛନ୍ତି । ବୃଦ୍ଧର ଶୁଷ୍କ ବେଦନାଭରା ପ୍ରାଣରେ ଜ୍ୟୋତ୍ସ୍ନା ଅମୃତର ଧାରା ଢାଳିଛି ।

ବୃଦ୍ଧ ମାଲକଣ୍ଠଙ୍କ ପରିବାର ଅତି କ୍ଷୁଦ୍ର ହେଲେ ମଧ୍ୟ ତାହା ବାସ୍ତବରେ କ୍ଷୁଦ୍ର ନୁହେଁ । ସୁରମ୍ୟ ଦ୍ୱିତଳ ପ୍ରାସାଦ ଅନେକ ଦାସ ଦାସୀଙ୍କୁ ଘେନି କାଠଯୋଡ଼ୀ କୂଳରେ ଝିଲମିଲ ହୋଇ ହସୁଛି । ମାଲକଣ୍ଠ ଆରାମ ଚୌକି ଖଣ୍ଡିକରେ ବସି କାଠଯୋଡ଼ୀକୁ ଅନାଇ ଅନାଇ ଦିନ ବିତାଉଛନ୍ତି । ମା' ଛେଉଣ୍ଡ ଜ୍ୟୋତ୍ସ୍ନା ସମସ୍ତଙ୍କର ଆଦରର ଧନ ।

ଜ୍ୟୋତ୍ସ୍ନା କଲେଜରେ ପଢ଼େ । ଆର୍ଟସ୍-ସେକେଣ୍ଡ ଇଅର । ଅଜସ୍ର ସମ୍ପଦ ଯେଉଁଠିବେଳେ ଅଛି ଜ୍ୟୋତ୍ସ୍ନା ବା ନ ପଢ଼ିବ କାହିଁକି ? ଜ୍ୟୋତ୍ସ୍ନାର କଲେଜ ପଢ଼ା ମାଲକଣ୍ଠଙ୍କର ଗୋଟିଏ ଖିଆଲ । ଏକମାତ୍ର ଝିଅ । ଅଜସ୍ର ସମ୍ପଦ । ଆଭିଜାତ୍ୟ ବଞ୍ଚାଇ ରଖିବାକୁ ହେଲେ ଜ୍ୟୋତ୍ସ୍ନାର ଉଚ୍ଚଶିକ୍ଷା ଆବଶ୍ୟକ ।

ଜ୍ୟୋତ୍ସ୍ନା ସାହିତ୍ୟ ସାଧନା କରେ । ତାର ସାହିତ୍ୟ ପ୍ରତି ଗୋଟାଏ ବିଶେଷ ଅନୁରାଗ ଅଛି । ଖାଲି ଅନୁରାଗ ନୁହେଁ ଓଡ଼ିଆ ସାହିତ୍ୟକୁ ଚିର-ଲାବଣ୍ୟମୟ କରିବାକୁ ଜ୍ୟୋତ୍ସ୍ନାର ପ୍ରବଳ ଆକାଂକ୍ଷା ଓ ପ୍ରଗାଢ଼ ଚେଷ୍ଟା । ଧନର ପ୍ରାଚୁର୍ଯ୍ୟ ମଧ୍ୟରେ ରହି ଜ୍ୟୋତ୍ସ୍ନା ସାହିତ୍ୟକୁ ବଢ଼ାଇବାରେ ଲାଗିଛି ।

ଦ୍ୱିତଳ ପ୍ରାସାଦର ଗୋଟିଏ କୋଠରୀ ବହୁ ପୁସ୍ତକ ଓ ପତ୍ର ପତ୍ରିକାରେ ଭରା । ପ୍ରତିଦିନ ସନ୍ଧ୍ୟା ବେଳେ ଆସରରେ ବସେ । ଜ୍ୟୋତ୍ସ୍ନାର ବହୁ ବନ୍ଧୁ ପୁସ୍ତକାଗାର ଦେଖନ୍ତି । ଆଶ୍ଚର୍ଯ୍ୟ ହୁଅନ୍ତି । ଜ୍ୟୋତ୍ସ୍ନା ନାରୀ, ତଥାପି ତାର ସାହିତ୍ୟ ପ୍ରତି ଏତେ ମମତା ! କାଠଯୋଡ଼ୀ କୂଳର ସାଂଧ୍ୟଭ୍ରମଣ ସଙ୍ଗେ ଜ୍ୟୋତ୍ସ୍ନାର ପାଠାଗାର ଅତ୍ୟନ୍ତ ଆରାମଦାୟକ । ଜ୍ୟୋତ୍ସ୍ନାର କୋମଳ ମଧୁମୟ ବାଣୀରେ ବହୁ ଅପରିଚିତ ଓ କଲେଜବନ୍ଧୁ ମଧ୍ୟ ମୁଗ୍ଧ ହୁଅନ୍ତି । ଏଇ ଚିରହାସ୍ୟମୟୀ ନାରୀକୁ ଅନ୍ତରରେ ନମସ୍କାର କରନ୍ତି । ପ୍ରାୟ ପ୍ରତି ସନ୍ଧ୍ୟା ସାହିତ୍ୟ ଆଲୋଚନା ଓ ସାହିତ୍ୟର ବିଭିନ୍ନ ଦିଗ ଦର୍ଶନରେ କଟିଯାଏ । କାଠଯୋଡ଼ୀ କୂଳର ଏହି ଦ୍ୱିତଳ ପ୍ରାସାଦ ବହୁ ଯୁବକ ଓ ଯୁବତୀଙ୍କର କୂଜନରେ ସନ୍ଧ୍ୟା ସମୟରେ ଚିତ୍ତାକର୍ଷକ ହୋଇ ଉଠେ । ଜ୍ୟୋତ୍ସ୍ନା

ପ୍ରିୟ ବନ୍ଧୁମାନଙ୍କୁ ଯେତେବେଳେ ବିଦାୟ ଦିଏ, ନମସ୍କାର ପ୍ରତି-ନମସ୍କାରରେ ପ୍ରାସାଦ ସମ୍ମୁଖ ଉଦ୍ୟାନ-ଭୂମି କଂପି ଉଠେ । ନୀଳକଣ୍ଠ ମନେ ମନେ ଖୁସି ହୁଅନ୍ତି ! ଗୃହର ଗୃହରାଣୀ ଜ୍ୟୋସ୍ନା ଦେବୀଙ୍କ ଗୁଣରେ ଏକାବେଳକେ ସ୍ତମ୍ଭୀଭୂତ ହୋଇ ପଡ଼ନ୍ତି ।

ଆଜକୁ ପ୍ରାୟ କୋଡ଼ିଏ ବର୍ଷ ତଳର କଥା । ବୃଦ୍ଧ ନୀଳକଣ୍ଠ ସେତେବେଳେ ଯୁବକ ନଥିଲେ କି ବୃଦ୍ଧ ନଥିଲେ । ହୁନ ଆର କେତେ ରଙ୍ଗୀନ୍ ସ୍ୱପ୍ନ ସେ କ୍ଷଣକେ ଦର୍ଶନକରି କ୍ଷଣକେ ପାଶୋରି ଦେଉଥିଲେ । ଜ୍ୟୋସ୍ନାର ମା' ସେତେବେଳେ ବଞ୍ଚିଥିଲେ । ଆଜିର ବିଶାଳ ପ୍ରାସାଦ ସେତେବେଳେ ନଥିଲା । ଆଜିର ଦାସ ଦାସୀ ନଥିଲେ । ଜ୍ୟୋସ୍ନା ବି ଏହୁ ଜଗତରେ ଜନ୍ମ ଲାଭ କରି ନଥିଲା । ବଙ୍ଗଳାର କାନ୍ଥି ଏକ କ୍ଷୁଦ୍ର ପଲ୍ଲୀରେ ନୀଳକଣ୍ଠ ଦୁଃଖ ଓ ନୈରାଶ୍ୟରେ କାଳାତି-ପାତ କରୁଥିଲେ । କ୍ରମେ ତାଙ୍କର ଭାଗ୍ୟ ଉଦୟ ହେଲା । ସେ କ୍ରମେ କ୍ରମେ ଅଜସ୍ର ସଂପଦର ମାଲିକ ହେଲେ । ବଙ୍ଗଳା ଛାଡ଼ି ଓଡ଼ିଶା ଆସିଲେ । ସେ ସବୁ କିଛି ପାଇଲେ । ମାତ୍ର ସ୍ନେହର ପତ୍ନୀ କମଳାକୁ ଅଦିନରେ ହରାଇ ବସିଲେ । ବଙ୍ଗାଳୀ ହୋଇ ମଧ୍ୟ ଏଇ କେତେ ବର୍ଷ ଓଡ଼ିଶାରେ ରହି ସେ ଆଜି ଚାଲିଚଳଣରେ ପୂରା ଓଡ଼ିଆ ହୋଇ ଗଲେଣି ।

ଜ୍ୟୋସ୍ନା ନୟନର ପିତୁଳା ସେ । ସେ ପୁଅ, ସେ ମଧ୍ୟ ଝିଅ । ନୀଳକଣ୍ଠଙ୍କର ସେ ସବୁ । ତାର ମୁହଁକୁ ଚାହିଁ ନୀଳକଣ୍ଠ ଦିନ କାଟନ୍ତି । ଜୀବନକୁ ସରସ କରନ୍ତି । ଜ୍ୟୋସ୍ନାର ମନକୁ ମାନିଲା ଭଳି କାମ ଯେ ନକରନ୍ତି ନୀଳକଣ୍ଠ ତା' ଉପରେ ଖୁବ୍ ଖପ୍ପା । ଘରର ଜଞ୍ଜାଳ ସବୁ ଗୃହର ଚାକରଙ୍କ ହାତରେ । ଜ୍ୟୋସ୍ନା

ଟେଲେକ ଯିବ ଆଉ ନୀଳକଣ୍ଠ ଘରେ ବସି କାଠଯୋଡ଼ୀର ଧୀର ସମୀରଣକୁ ଅନୁଭବ କରିବେ । ଏହିପରି ଆବହାଓ୍ୱାରେ ନୀଳକଣ୍ଠଙ୍କର ଜୀବନ ଚାଲୁଛି ।

× × × ×

ଜ୍ୟୋତ୍ସ୍ନା ପ୍ରାସାଦ ଉଦ୍ୟାନରେ ଏକ ସୁନ୍ଦର ମଣ୍ଡପ ନିର୍ମାଣ କରାଇଛି । ଦାସ, ଦାସୀ, ମଜୁରିଆ ଲାଗି ଲାଗି ମଣ୍ଡପଟିକୁ ରମଣୀୟ କରିଛନ୍ତି । ମଣ୍ଡପଟି ଜ୍ୟୋତ୍ସ୍ନାର ପରିପାଟୀ-ଜ୍ଞାନ ସହଜରେ ସୂଚାଇ ଦେଉଛି । କାଠଯୋଡ଼ୀ କୂଳରେ ଏହି ମଣ୍ଡପ ଅପୂର୍ବ ଶୋଭା ଧାରଣ କରିଛି । ଆଜି ସନ୍ଧ୍ୟା ୫ଟାରେ ସାହିତ୍ୟସଭା ବସିବ । ଆହ୍ୱାନ କରିଛନ୍ତି ସ୍ୱୟଂ ଜ୍ୟୋତ୍ସ୍ନା ଦେବୀ । ଓଡ଼ିଶାରେ ସାହିତ୍ୟର ଉତ୍କର୍ଷ ସାଧନ ତାଙ୍କର ଏକମାତ୍ର ଲକ୍ଷ୍ୟ । ସତର ବର୍ଷର ଯୁବତୀ ହୃଦୟରେ ସାହିତ୍ୟ ପ୍ରତି ଏତେ ଶ୍ରଦ୍ଧା ଦେଖି ସାହିତ୍ୟିକ ବନ୍ଧୁମାନେ ଆଶ୍ଚର୍ଯ୍ୟ ହୁଅନ୍ତି । ଲକ୍ଷ୍ମୀ ସରସ୍ୱତୀଙ୍କୁ ଜ୍ୟୋତ୍ସ୍ନା ହିଁ କେବଳ ହାତ ମୁଠାରେ ଏକାଠି ରଖି ପାରିଛି । ତାର ଶୁଭ୍ର ଶୀତଳ ଅନ୍ତର ତଳେ ସରସ୍ୱତୀଙ୍କ ପାଇଁ ଉଠିଛି ଅଶେଷ ଭକ୍ତି ଓ ଅନାବିଲ ପ୍ରେମ ।

ସନ୍ଧ୍ୟା ସାତଟା । ସାହିତ୍ୟସଭା । ସଭାମଣ୍ଡପ ଉଚ୍ଛୁଳି ଉଠୁଛି । ବୃଦ୍ଧ ନୀଳକଣ୍ଠ ଜ୍ୟୋତ୍ସ୍ନାର ସାହିତ୍ୟିକ ବନ୍ଧୁମାନଙ୍କର ସ୍ନେହପୂର୍ଣ୍ଣ ସମ୍ଭାଷଣରେ ଉତ୍ଫୁଲ୍ଲ ହେଉଛନ୍ତି । ମନରେ ତାଙ୍କର ଅପୂର୍ବ ଆନନ୍ଦ । ହୃଦୟତଳେ ଜ୍ୟୋତ୍ସ୍ନା ପ୍ରତି ସ୍ନେହପୂର୍ଣ୍ଣ ଆଶୀର୍ବାଦ ।

ସାହିତ୍ୟସଭାର ପ୍ରଥମ କାର୍ଯ୍ୟ ଆରମ୍ଭ ହେଲା । ସଭାପତି ହେଲେ ନବୀନ ବାବୁ । ଏମ୍. ଏ. ଛାତ୍ର । ସାହିତ୍ୟ ପ୍ରତି ତାଙ୍କର

ବିଶେଷ ଅନୁରାଗ । ସୁଶ୍ରୀ ପ୍ରସନ୍ନ ବଦନ ନବୀନ ବାବୁଙ୍କ ପ୍ରତି ଜ୍ୟୋତ୍ସ୍ନାର ଅଶେଷ ଭକ୍ତି । ସେଇ ନବୀନ ବାବୁଙ୍କ ପ୍ରେରଣାରେ ଜ୍ୟୋତ୍ସ୍ନା ଆଜି ସାହିତ୍ୟକୁ ଚହ୍ନି ପାରିଛି ।

ସାହିତ୍ୟସଭାରେ ସାହିତ୍ୟର ବିଭିନ୍ନ ଦିଗ ଆଲୋଚନା ହେଲା । ଜ୍ୟୋତ୍ସ୍ନା ଅନ୍ୟାନ୍ୟ କେତେକ ସାହିତ୍ୟିକ ବନ୍ଧୁଙ୍କପରି ଏକ ପ୍ରବନ୍ଧ ପାଠ କଲା । ତାର ପ୍ରବନ୍ଧ ବଡ଼ ଚିତ୍ତାକର୍ଷକ ହେଲା । "ଆଜିର ସାହିତ୍ୟରେ କବିତାର ମାନ" ବିଷୟରେ ଜ୍ୟୋତ୍ସ୍ନାର ଗବେଷଣା ତା'ର ପ୍ରଗାଢ଼ ସାହିତ୍ୟପ୍ରୀତିର ପରିଚୟ ଦେଲା । ଆଜିର ଅଧିକାଂଶ କବିତା କିପରି କେବଳ ଶସ୍ତା ପ୍ରେମବିଦ୍ୱେଷ ଉପରେ ଲିଖିତ ହେଉଛି ତାହା ସେ ଆଲୋଚନା କରିଥିଲେ ତା'ର ପ୍ରବନ୍ଧରେ । ଯୁବତୀର ପ୍ରେମକବିତା ପ୍ରତି ଅନାସ୍ଥା ଓ ଅଶ୍ରଦ୍ଧା କେତେକଙ୍କ ମନରେ ଦୁଃଖ ଦେଲା । କେତେକ ମଧ୍ୟ ଆନନ୍ଦ ଲାଭକଲେ । ସ୍ୱୟଂ ସଭାପତି ମଧ୍ୟ ଖୁବ୍ ଗମ୍ଭୀର ଥିଲାପରି ଜଣା ପଡ଼ୁଥିଲେ । ଜ୍ୟୋତ୍ସ୍ନା ଲିଖିତ ଭାଷଣ ପାଠ କଲାବେଳେ ଏଭଳି ଆଧୁନିକ କବିତା ପ୍ରତି ବିଦ୍ରୋହୀ ହୋଇ ଉଠୁଥିବାର ଲକ୍ଷ୍ୟ କରାଗଲା । ମାତ୍ର ସାହିତ୍ୟିକ କମଳଲୋଚନଙ୍କୁ ଜ୍ୟୋତ୍ସ୍ନାର ଓଡ଼ିଆ କବିତା ପ୍ରତି ଏପରି ଟିପ୍ପଣୀ ଆଦୌ ସୁଖକର ବୋଧ ହେଲାନାହିଁ । ସେ ମନସ୍ଥ କଲେ ଜ୍ୟୋତ୍ସ୍ନାର ଏପରି ଏକ ଧାରଣାକୁ ସେ ଏକାବେଳକେ ଚୁରମାର୍ କରିଦେବେ । ଆଧୁନିକ କବିତାର ରୂପ, ରସ ଓ ସ୍ୱାଦୁ ଜ୍ୟୋତ୍ସ୍ନାକୁ ଚଖାଇବେ । ନଚେତ୍ ବନ୍ଧୁ ଧନର ଈପ୍ସିତ କାମନା ତାଙ୍କର ଚଲାବାଦଲ ପରି କେଉଁଆଡ଼େ ଭାସି ଯିବ ।

ଆଷାଢ଼ର ଗୋଟିଏ ଦୁରନ୍ତ ସଂଧ୍ୟା । ବର୍ଷାର ଘୁ ଘୁ ଗର୍ଜନରେ ଚତୁର୍ଦ୍ଦିଗ କଂପି ଉଠୁଛି । କାଠଯୋଡ଼ୀର ପାଣି ଦୁଇଧାର ମାଡ଼ି ଚାଲିଛି । ବେଙ୍ଗମାନଙ୍କର କଟମଟ ଶବ୍ଦରେ ସଂଧ୍ୟା ବଡ଼ ଭୟଙ୍କର ଜଣା ପଡ଼ୁଛି । ଚାକର ଚାକରାଣୀ କିଏ କୁଆଡ଼େ ଅଛନ୍ତି ! ବୃଦ୍ଧ ନୀଳକଣ୍ଠ ଜ୍ୟୋତ୍ସ୍ନାର ମୁଣ୍ଡ ପାଖରେ ବସି ମୁଣ୍ଡ ଆଉଁଷୁଛନ୍ତି । ଚାକରାଣୀ ଜେମା କେବଳ ଜ୍ୟୋତ୍ସ୍ନାର ପାଦ ମଞ୍ଜାଳୁଛି । ବର୍ଷାର ପ୍ରଳୟଙ୍କରୀ ରୂପ ବିରାଟ ପ୍ରାସାଦ ମଧ୍ୟରେ ନୀରବତାକୁ ଆହୁରି ଭୟଙ୍କର କରୁଛି । ଜ୍ୟୋତ୍ସ୍ନାର ଦେହରୁ ତାତି ଛାଡ଼ୁନାହିଁ । ତା' ସାଙ୍ଗକୁ ଗଲା ପାଞ୍ଚଦିନ ହେଲା ଏହି ଅବିଶ୍ରାନ୍ତ ବୃଷ୍ଟି ସକଳ ବିଶୃଙ୍ଖଳା ସୃଷ୍ଟି କରିଛି । ଡାକ୍ତର ନିକଟକୁ ଯାଉଛି କିଏ ! ବିଜୁଳି ଟେଲିଫୋନ ସବୁ ବିଚ୍ଛିନ୍ନ । ଜ୍ୟୋତ୍ସ୍ନାର ତଳ ତଳ ମୁହଁଟି ଶୁଖି ପାଣ୍ଡୁର ହୋଇଗଲାଣି । ତଥାପି ଅବିଶ୍ରାନ୍ତ ବୃଷ୍ଟି ଜ୍ୟୋତ୍ସ୍ନା ଉପରେ ଦାଉ ସାଧୁଛି । ଯେପରି ଆଜି ତାହାର ଶେଷ ନାହିଁ । ନୀଳକଣ୍ଠ ଦୀର୍ଘଶ୍ୱାସ ଛାଡ଼ିଲେ ।

× × × ×

ଆଷାଢ଼ ଯାଇ ଶ୍ରାବଣ ପଶିଲା । ବହୁ ଚିକିତ୍ସା ପରେ ଜ୍ୟୋତ୍ସ୍ନାର ଜ୍ୱର ଭଲ ହେଲା । ନୀଳକଣ୍ଠ ଆଶ୍ୱସ୍ତ ଲାଭ କଲେ । ଦ୍ୱିତଳ ପ୍ରାସାଦରେ ପୁଣି ପୂର୍ବପରି ଖେଳ କୌତୁକର ଆୟୋଜନ ଚାଲିଲା ।

ଜ୍ୟୋତ୍ସ୍ନା ଆରୋଗ୍ୟ ଲାଭକଲେ ମଧ୍ୟ ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇବାକୁ ଆହୁରି ସମୟ ଲାଗିବ । ତେଣୁ ସେ ବର୍ତ୍ତମାନ ପୂର୍ଣ୍ଣ ବିଶ୍ରାମ ନେଉଛି । ଆଜକୁ ପ୍ରାୟ ପନ୍ଦର ଦିନ ହେଲା କଲେଜ ଯିବା ବନ୍ଦ ହୋଇଛି । ଏ ଭିତରେ ଜ୍ୟୋତ୍ସ୍ନାକୁ ବହୁ ବନ୍ଧୁ ବିଶେଷ କରି ବହୁ ସାହିତ୍ୟିକବନ୍ଧୁ ସନ୍ଧୋଳିବାକୁ ଆସିଛନ୍ତି । ଜ୍ୟୋତ୍ସ୍ନା ସେମାନଙ୍କ ନିକଟରେ ଯଥେଷ୍ଟ କୃତଜ୍ଞତା ଜଣାଇଛି । ସବୁ ବନ୍ଧୁମାନଙ୍କଠାରୁ ବେଶି ଆସିଛନ୍ତି କମଳଲୋଚନ ବାବୁ ।

ଏଇ ଆସିବା ଭିତରେ ନୀଳକଣ୍ଠଙ୍କୁ କମଳଲୋଚନ ବିଶେଷ ଭକ୍ତି ଓ ସମ୍ମାନ ଦେଖାଇ କଥା କହୁଛନ୍ତି । ଜ୍ୟୋତ୍ସ୍ନାର ପୀଡ଼ା ସେ ଅଙ୍ଗେ ଅଙ୍ଗେ ଅନୁଭବ କଲାଭଳି ଦୁଃଖ ଓ ସମବେଦନା ପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି । ସତେ ଯେପରି ସେ ଜ୍ୟୋତ୍ସ୍ନାର ଦୁଃଖରେ ମ୍ରିୟମାଣ ! ଜ୍ୟୋତ୍ସ୍ନାର ପରମ ହିତୈଷୀ ବୋଲି ପ୍ରମାଣ କରିବାକୁ ଭଙ୍ଗୀରେ ଓ ଦୀର୍ଘ ନିଶ୍ୱାସ ତ୍ୟାଗ କରିବାରେ ଯଥେଷ୍ଟ ଚେଷ୍ଟା ମଧ୍ୟ କରୁଛନ୍ତି । ବୃଦ୍ଧ ନୀଳକଣ୍ଠ କମଳଲୋଚନଙ୍କୁ ନିଜର ପୁଅପରି ସ୍ନେହ କରୁଛନ୍ତି । ଘରର ଦାସଦାସୀ ମଧ୍ୟ ବେଶୀ ଚିହ୍ନିଛନ୍ତି ଏଇ କମଳଲୋଚନ ବାବୁଙ୍କୁ । କାରଣ ତାଙ୍କର ଜ୍ୟୋତ୍ସ୍ନାକୁ ସଂଖୋଳିବା ସମସ୍ତଙ୍କଠାରୁ ଅଧିକ ।

କମଳଲୋଚନ ଏଣିକ ବହୁବାର ଜ୍ୟୋସ୍ନା ଗୃହକୁ ଆସନ୍ତି । ସାହିତ୍ୟର ଭବିଷ୍ୟତ କଥା ପକାଇବା ଭିତରେ ନିଜର ଭବିଷ୍ୟତ ଓ ଜ୍ୟୋସ୍ନାର ଭବିଷ୍ୟତ ଏବଂ ସର୍ବୋପରି କାଠଯୋଡ଼ୀ କୂଳର ଏଇ ଅଜସ୍ର ଧନଧାନ୍ୟରେ ଭରା ଦ୍ୱିତଳ ପ୍ରାସାଦର କଥା ମନ ମଧ୍ୟରେ ଥରେ ଥରେ ଭାବିନେଇ ବଡ଼ ଆତ୍ମ ପ୍ରସାଦ ଲାଭ କରନ୍ତି । ସେ ଯେତେବେଳେ ଜ୍ୟୋସ୍ନା ଓ ତାର ପିତାଙ୍କ ମୁଖରୁ ସବୁଦିନ ଆସିବା ନିମନ୍ତେ ଅନୁରୋଧ ଶୁଣନ୍ତି, ସେତେବେଳେ ତାଙ୍କର ଛାତି ଏକ ଅଜଣା ପୁଲକରେ ନାଚି ଉଠେ । ସେ ଜ୍ୟୋସ୍ନାକୁ ଥରେ ଭଲକରି ଦେଖି ନିଅନ୍ତି । ତା'ପରେ ନମସ୍କାରଟିଏ ପକାଇ ହସି ହସି ବାହାରକୁ ଚାଲି ଯାଆନ୍ତି ।

କମଳଲୋଚନଙ୍କ ଏଇ ଯିବା ଆସିବାରେ ତାଙ୍କର ତରୁଣ ମନ ଭବିଷ୍ୟତ ରଙ୍ଗୀନ୍ ଆଶାରେ ଯେମିତି ଉତ୍‌ଫୁଲ୍ଲ ହୁଏ, ଜେମା ଚକ୍ରବର୍ତ୍ତୀର ମନ ମଧ୍ୟ ସେମିତି ଉତ୍ଫୁଲ୍ଲ ହୁଏ । ଜେମା ଭାବେ, ଜ୍ୟୋସ୍ନା ଦେଖା ଏଥର କମଳଲୋଚନ ବାବୁଙ୍କୁ ଠିକ୍ ବୟସରେ ଚିହ୍ନିଛନ୍ତି ।

କମଳଲୋଚନ ବର୍ତ୍ତମାନ ଗୋଟିଏ ପତ୍ରିକାର ସଂପାଦକ ହେବା ସଙ୍ଗେ ସଙ୍ଗେ ଗୋଟିଏ ପ୍ରେସର ପରିଚାଳକ ମଧ୍ୟ । ସାହିତ୍ୟିକ ଜୀବନର ଭବିଷ୍ୟତ ଯେ ଆହୁରି ଉଜ୍ଜ୍ୱଳ ଓ ସମୃଦ୍ଧ ହେବ ତାହା କଳ୍ପନା କରିବାରେ ସେ ଟିକିଏ ହେଲେ ପଛାନ୍ତି ନାହିଁ । ଜ୍ୟୋସ୍ନା ସୁଶିକ୍ଷିତା, ତନ୍ୱୀ । କମଳ ବାବୁ ତାର ହାତ ସଂଗେ ହାତ ମିଳାଇବେ । ଅଜସ୍ର ସଂପତ୍ତି, ଦ୍ୱିତଳ ପ୍ରାସାଦ, ସବୁକିଛି ସେ ପାଇପିବେ । ତାଙ୍କର ଦରିଦ୍ର ଜୀବନର ଅବସାନ

ଘଟିବ । ସେ କ୍ଷଣିକ ଭାବନାରେ ଉତ୍‌ଫୁଲ୍ଲ ହୋଇ ଉଠନ୍ତି । ପତ୍ରିକା ଆହୁରି ସୁନ୍ଦର ଓ ମନୋରମ କରି ପ୍ରକାଶ କରିବେ । ତାଙ୍କର ଇଚ୍ଛା ସେ ଏ ପତ୍ରିକାର ନାମ ପରିବର୍ତ୍ତନ କରିବେ । ପତ୍ରିକାର ନାମ 'ଉଷାଲୋକ' ପରିବର୍ତ୍ତେ ଦେବେ 'ଜ୍ୟୋତ୍ସ୍ନା' । ତାଙ୍କର ସକଳ ପ୍ରେମନିବେଦନ ଓ ଗଭୀର ଅନୁରାଗ ଏଇ 'ଜ୍ୟୋତ୍ସ୍ନା'ରେ ହିଁ ଜ୍ୟୋତ୍ସ୍ନା ପ୍ରତି ପରିସ୍ଫୁଟ କରିବେ । କ୍ଷଣିକ ଭାବନାରେ କମଳଙ୍କ ଦେହ ଅପୂର୍ବ ଆନନ୍ଦରେ ରୋମାଞ୍ଚିତ ହୁଏ । ଜ୍ୟୋତ୍ସ୍ନାର ଅପରୂପ ଲାବଣ୍ୟ ଅପେକ୍ଷା ତାର ଅକଳଙ୍କ ସୌନ୍ଦର୍ଯ୍ୟ କମଳଲୋଚନଙ୍କ ମନତଳେ ଗଭୀର ଭାବରେ ରେଖାପାତ କରେ ।

କମଳଲୋଚନଙ୍କ ମନରେ ଅପୂର୍ବ ଆନନ୍ଦ । ଆଜି ଆଠଦିନ ଗଲେ ହେବ ତାଙ୍କ ପତ୍ରିକାର ବାର୍ଷିକୀ । ପତ୍ରିକା ଜନ୍ମର ସେହି ଶୁଭ ମୁହୂର୍ତ୍ତଠାରୁ ଆଜି ପର୍ଯ୍ୟନ୍ତ ପତ୍ରିକା ସୁରୁଚିପୂର୍ଣ୍ଣ ଉଷାର ଆଲୋକ ବୁଣିବାରେ ଲାଗିଛି । କମଳଲୋଚନଙ୍କୁ ପତ୍ରିକା ସାହିତ୍ୟିକରୂପେ ପରିଚିତ କରାଇ ପାରିଛି । ଜ୍ୟୋତ୍ସ୍ନାର ନିବିଡ଼ ଅନୁରାଗ ଆଜି କାହାଯୋଗୁଁ ସମ୍ଭବ ହୋଇଛି ? ସବୁକଥା ଭାବି ଗଲେ କମଳ । ଭାବନାର ସ୍ୱାଧୀନତା ସମସ୍ତଙ୍କର ଅଛି । ଆଇନ୍ ଭାବନାକୁ ଚପାଇ ଦେଇ ପାରେ ନା । ପ୍ରେମନିବେଦନକୁ ଜ୍ୟୋତ୍ସ୍ନା ନିକଟରେ ସେ ଆହୁରି ସ୍ପଷ୍ଟ କରିବେ ବୋଲି ଭାବିଛନ୍ତି, ଏଇ 'ବାର୍ଷିକୀ'କୁ ନିମନ୍ତ୍ରଣ କରି ।

ଦିହୁଁ ଦିହୁଁ ଆଠଦିନ ବିତିଗଲା । କମଳଲୋଚନଙ୍କ ବ୍ୟକ୍ତିଗତ ଅନୁରୋଧ ଓ ନିମନ୍ତ୍ରଣ କ୍ରମେ ଜ୍ୟୋତ୍ସ୍ନା 'ଉଷାଲୋକ'ର ବାର୍ଷିକୀ ଉତ୍ସବରେ ଯୋଗ ଦେଲା । ଜ୍ୟୋତ୍ସ୍ନା ମନରେ ଅପୂର୍ବ

ଆନନ୍ଦ । ସାହିତ୍ୟ ପାଇଁ ଜୀବନ ଯେପରି ସେ ଉତ୍ସର୍ଗ କରିଛନ୍ତି । ବାର୍ଷିକୀ ଉତ୍ସବରେ କମଳ ଜ୍ୟୋତ୍ସ୍ନାର ଯଥେଷ୍ଟ ତାରିଫ୍ କଲେ । ବନ୍ଧୁ ମାନଙ୍କ ମେଳରେ ଜ୍ୟୋତ୍ସ୍ନାର ନିର୍ମଳ ଅକପଟ ହୃଦୟର ସାହିତ୍ୟିକ ବର୍ଣ୍ଣନା ମଧ୍ୟ କଲେ । "ଉଷାଲୋକ"ର ବାର୍ଷିକୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଲା । କମଳଲୋଚନ ସେଦିନ ପ୍ରସ୍ତାବ ଦେଲେ ଓଡ଼ିଶାର ଶିଶୁ ସାହିତ୍ୟର ଅଭାବ ମେଣ୍ଟାଇବା ପାଇଁ ଜ୍ୟୋତ୍ସ୍ନା ଦେବୀଙ୍କ ପୃଷ୍ଠପୋଷକତାରେ ଜ୍ୟୋତ୍ସ୍ନା ନାମରେ ଏକ ମାସିକ ପତ୍ରିକା ପ୍ରକାଶ ପାଇବ ଏବଂ ସେ ତାର ପରିଚାଳନା କରିବେ । ଜ୍ୟୋତ୍ସ୍ନା ସମ୍ମତି ପ୍ରକାଶ କଲା । କମଳଲୋଚନଙ୍କର ଈପ୍‌ସିତ ଉଦ୍ଦେଶ୍ୟ ଏକ ପ୍ରକାର ସାଧିତ ହେଲା । ସ୍ୱୟଂ କମଳଲୋଚନ ଜ୍ୟୋତ୍ସ୍ନା ଦେବୀଙ୍କୁ ତାଙ୍କର କାଠଯୋଡ଼ୀ ପ୍ରାସାଦରେ ଛାଡ଼ିଦେଇ ଆସିଲେ । ମନ ତାଙ୍କର ସେହି ଭବିଷ୍ୟତ ମୁହୂର୍ତ୍ତକୁ ଅନାଇଁ ରହିଲା ।

ବହୁଦିନ ଗଲା । କମଳଲୋଚନଙ୍କ ମନ ଜ୍ୟୋତ୍ସ୍ନା ଲାଗି ପାଗଳ ହେଲା । ଆଉ ବର୍ଷେ ଗଲେ ଜ୍ୟୋତ୍ସ୍ନା ବିଏ ପାସ କରିବ । ଯଦି ଆଜଠାରୁ କିଛି ଯୋଗାଡ଼ ହୋଇଯାଏ ତେବେ କପୋତୀକୁ ସହଜରେ ଧରି ହେବ । ଆଖି ଫିଟିଲେ ବଣର କପୋତୀ ସୁନା କପୋତୀ ପାଲଟି ଯିବାର ଭୟ ଅଛି ।

କମଳଲୋଚନ ନିଜକୁ ଚିନ୍ତାରେ ସବୁଦା ବୁଡ଼ାଇ ରଖିଲେ । ପ୍ରେସ୍ ତାଙ୍କୁ ଭୂତ ପରି ମାଡ଼ି ମାଡ଼ି ବସିଲା । ପ୍ରେସରୁ କାଠଯୋଡ଼ୀ କୂଳ ଓ କାଠଯୋଡ଼ୀ କୂଳରୁ ପ୍ରେସ୍ ହୋଇ ହୋଇ ସେ ଦେଖିଲେ ଗୁଡ଼ାଏ ରିକ୍‌ସାବାଲା ବୃଥାରେ ବହୁତ ପଇସା ପାଇଗଲେଣି ।

ଖାଲି କାଠଯୋଡ଼ୀକୁଳକୁ ଦୌଡ଼ିଲେ ହେବ ନାହିଁ । କିଛି ଉପାୟ ଚିନ୍ତା କଲେ ହେବ ।

ବହୁ ଚିନ୍ତାକର ଶେଷରେ କମଳଲୋଚନ ଏକ ଉପାୟ ସ୍ଥିର କଲେ । ଗୋଟିଏ ମନକୁ ଜାଣିବାକୁ ହେଲେ ଅନ୍ତର ଅନେକ ମନକୁ ତାଙ୍କ ନିଜ ଆଡ଼କୁ ଟାଣିବାକୁ ପଡ଼ିବ । ଦିନେ ସଞ୍ଜବେଳେ କମଳ ଯାଇ ଦେଖିଲେ ଜ୍ୟୋତ୍ସ୍ନା ନାହିଁ । କୌଣସି ସାହିତ୍ୟିକ ବନ୍ଧୁ ଘରକୁ ନିମନ୍ତ୍ରଣ କ୍ରମେ ଯାଇଛି । ଆସିବାକୁ ଡେରି ହେବ । ସାତ ନ'ଟା ପରେ ବୋଧହୁଏ ସେ ଆସି ପାରେ ।

କମଳ ଦେଖିଲେ ଏଇ ହେଉଛି ଅପୂର୍ବ ସୁଯୋଗ । ନୀଳକଣ୍ଠ ବାବୁଙ୍କୁ କମଳ ନମସ୍କାର କଲା । ନୀଳକଣ୍ଠ ଆରାମଚେଆର ପାଖରେ ଦାମା ଆଣି ଥୋଇଦେଲା ଆଉଗୋଟିଏ ଚୌକି । ବହୁ-ଦିନର ପୁରୁଣା ଚାକର ସେ । ଆଦବ କାଇଦା ସବୁ ତାକୁ ଜଣା । କମଳ ଦରସ୍ମିତ ବଦନରେ ଦାମା ଆଡ଼କୁ ଟିକିଏ ଚାହିଁଲେ । ଅଠେଇଶ ବର୍ଷର ଦାମା ମୁହଁରେ ହସର କ୍ଷୀଣ ରେଖା ଖେଳି-ଗଲା । ସଙ୍ଗେ ସଙ୍ଗେ ଜେମା ଚା ଆଣି ଥୋଇଦେଲା । ନୀଳକଣ୍ଠ ବାବୁ ଓ କମଳ ଚା ପାନ କରିବାକୁ ଆରମ୍ଭ କଲେ । ଚା ପାନ ପରେ ଏ ଯୁଗର ସାହିତ୍ୟ ଓ ପତ୍ରପତ୍ରିକା ବିଷୟରେ କମଳ-ଲୋଚନ ଓ ନୀଳକଣ୍ଠଙ୍କ ମଧ୍ୟରେ ବହୁ ଆଲୋଚନା ହେଲା । 'ଭାଷାଲୋକ'ର ପ୍ରସାର ଓ ପ୍ରସ୍ତୁତି ବିଷୟରେ ନୀଳକଣ୍ଠ ବାବୁ ସପକ୍ଷ ମତ ଦେଲେ । ଶିଶୁ ପତ୍ରିକାର ଅଭାବ ଯେ ଓଡ଼ିଶାରେ ରହିଛି ତା' ମାନିଲେ । ଭାଷାଲୋକର ଉତ୍ତରୋତ୍ତର ଉନ୍ନତି କାମନା କରି ନୀଳକଣ୍ଠ ବେଶ୍ କିଛି କହିଲେ । କମଳ ଖାଲି କୃତଜ୍ଞତା ଜଣାଇଲା ଭଳି ଅଭିନୟ କଲେ ।

—ଏଗାର—

ନଅଟା ବାଜିବାକୁ ଆଉ ମୋଟେ ପନ୍ଦର ମିନିଟ ବାକି ଅଛି ତଥାପି ଜ୍ୟୋତ୍ସ୍ନାର ଦେଖା ନାହିଁ । କମଳ ହାତଘଡ଼ିକୁ ଚାହିଁଲେ । ବିଜୁଳି ଆଲୁଅରେ ସାରା ପ୍ରାସାଦ ଆଲୋକିତ । କମଳ ଆଉ ସେଠି ବେଶି ସମୟ ବସି ପାରିଲେନି । ଭାବିଥିଲେ ଜ୍ୟୋତ୍ସ୍ନାର ଅନୁପସ୍ଥିତିରେ ନୀଳକଣ୍ଠବାବୁ ତାଙ୍କ ସଙ୍ଗେ ଜ୍ୟୋତ୍ସ୍ନାର ବିବାହ ବିଷୟରେ କିଛି ମାତ୍ର ଇସାରା ଦେବେ କିମ୍ବା ସେହିପରି କିଛି କଥା- ହିବେ । ମାତ୍ର ଦୀର୍ଘ ତିନିଘଣ୍ଟା ପରେ ମଧ୍ୟ ସେହି ପୁରୁଣା ଆତିଥେୟତା ବ୍ୟତୀତ ଆଉ କୌଣସି ନୂତନ କଥା ନୀଳକଣ୍ଠଙ୍କ ମୁଖରୁ ଶୁଣିବାକୁ ମିଳିଲା ନାହିଁ । ତଥାପି ହତୋତ୍ସାହ ନ ହୋଇ କମଳ ମନରେ ଆଶା ବାନ୍ଧିଲେ । ଦାମା ଓ ଜେମା ସେତିକବେଳକୁ ଖ ଘର କବାଟ ପାଖରେ ସବୁ ଆଲୋଚନା ଶୁଣୁଛନ୍ତି । ସେଇ ଗୋଟିଏ ଦୃଷ୍ଟି । ସେମାନଙ୍କର ଧାରଣା ନୀଳକଣ୍ଠବାବୁ କମଳଙ୍କ ତରେ ଜ୍ୟୋତ୍ସ୍ନାର ବିବାହ ପ୍ରସଙ୍ଗ ପଡ଼ିପାରେ । ସେଥିପାଇଁ ଇ ଜଣ ଯାକ ଅନେଇ ରହିଛନ୍ତି ଶୁଣିବେ ବୋଲି ।

କମଳ ନୀଳକଣ୍ଠଙ୍କୁ ନମସ୍କାର କରି ଚୌକିରୁ ଉଠିଲେ । ଳକଣ୍ଠଙ୍କ ନିର୍ଦ୍ଦେଶରେ ଦାମା ବାରଣ୍ଡାରୁ ଚୌକିଟା ନେଇ ତରେ ରଖିଲା । ନୀଳକଣ୍ଠ ଭିତରକୁ ଗଲେ । ଜେମା ଗୋଟି- ଧ କରିବା ନିମନ୍ତେ କମଳଲୋଚନଙ୍କ ପଛେ ପଛେ ହସି ହସି ଲିଲା । ଏପରି ଭାବଭଙ୍ଗୀରୁ କମଳ ଅନୁମାନ କଲେ ଯେ ତାଙ୍କ ଷୟରେ ପ୍ରାସାଦ ଭିତରେ ନିଶ୍ଚୟ ଆଲୋଚନା ହୋଇଛି । ଙ୍କ ଆଶା କଦାପି ନିରାଶାରେ ପରିଣତ ହେବନାହିଁ । ବିବାହ ଲକ୍ଷଣ ଯେପରି ସେ ପ୍ରାସାଦର ସବୁ ସ୍ଥାନରେ ଦେଖିବାକୁ ଇଲେ ।

—ବାର—

କମଲବାବୁ ଟେନ୍ ବାହାରକୁ ବାହାରିଲେ । ଯେତେ ଉପାୟ ସେ ଚିନ୍ତା କରିଥିଲେ ତାକୁ କାର୍ଯ୍ୟରେ ପରିଣତ କରିବାର ଗୋଟାଏ ଢଗ ମାତ୍ର ତାଙ୍କୁ ହଠାତ୍ ଦିଶିଗଲା । ସେ ଜେମାକୁ ଉଦ୍ଦେଶ୍ୟ କରି କହିଲେ, ମୁଁ ଯାଉଛି । ଆଉ ସବୁ ଭଲ ତ ?

ଜେମା ହସି ହସି କହିଲା—ଆଉ ଭଲ କଣ ? ଭଲ ଧନକୁ ଖାଲି ଅନେଇ ରହିଲା ।

କମଲ ବାବୁଙ୍କର ଆଉ ସନ୍ଦେହ ରହିଲା ନାହିଁ । ସେ ଭାବିଲେ ଜ୍ୟୋସ୍ନା ଓ ତାଙ୍କର ବିବାହ ବିଷୟରେ ବୋଧହୁଏ ଏକ-ପ୍ରକାର ସିଦ୍ଧାନ୍ତ ହୋଇ ଗଲାଣି । ସେ ଯାଉଁ ଯାଉଁ ଜେମା ମୁଣ୍ଡ ଟିକିଏ ଆଉଁସି ଦେଲେ । ପଚିଶବର୍ଷ ବୟସ୍କା ଜେମା ଦେହରେ କ୍ଷଣିକ ପାଇଁ ଶିହରଣଟିଏ ଖେଳିଗଲା । ଜେମା କହିଲା—ବାବୁ ତମେ ଭାରି ଦୁଷ୍ଟ ।

କମଲ ରିକ୍ସା ଖଣ୍ଡେ ଡାକି ପ୍ରେସ୍ ଅଭିମୁଖେ ଯାତ୍ରା କଲେ । କାଠଯୋଡ଼ୀର ଶୀତଳ ପବନ ତାଙ୍କର ସବୁ ସ୍ୱେଦ କୁଆଡ଼େ ପୋଛି ନେଇଗଲା । ସେ ମନେ ମନେ ଖୁବ୍ ଆନନ୍ଦିତ ହେଲେ । ଭାବିଲେ, ଯାହାହେଉ ତାଙ୍କର ପ୍ରଥମ ଉଦ୍ୟମ ବ୍ୟର୍ଥ ହୋଇନି । ଜେମାର ସ୍ନେହ ସୌହାର୍ଦ୍ଦ୍ୟ ପାଇଲେ ସେ ଜ୍ୟୋସ୍ନାର ସ୍ନେହ ସୌହାର୍ଦ୍ଦ୍ୟ ଆପେ ଆପେ ପାଇଯିବେ ।

ରିକ୍ସାଚାଳକ ଖୁବ୍ ବେଗରେ ରିକ୍ସା ଚଳାଇବାକୁ ଲାଗିଲା । କାଠଯୋଡ଼ୀର ସୁଲୁସୁଲିଆ ବାଆ କମଲ ପ୍ରାଣରେ ଆଜି ଅପୂର୍ବ ଆନନ୍ଦ ଢାଳିଦେଲା । ସେ ଗୀତ ପଦେ ବୋଲିବାକୁ ଚେଷ୍ଟା କରୁଥିଲେ, ମାତ୍ର ପାରିଲେ ନାହିଁ । ଆଗରେ ଯେ ରିକ୍ସା-ଚାଳକ ।

—ଛେଦ—

ଦିନ ଗୋଟି ଗୋଟି ହୋଇ ଗଡ଼ି ଚାଲିଛି । ଏ ଭିତରେ କେଉଁଦିନ ଏକବର୍ଷ ବିତିଗଲାଣି । କମଳ ଓ ଜ୍ୟୋତ୍ସ୍ନା ଦେବୀଙ୍କର ନିଷ୍ଠ ସାହିତ୍ୟିକ ସମ୍ବନ୍ଧ ଆଜି ପର୍ଯ୍ୟନ୍ତ ଅତୁଟ ରହିଛି । 'ଆଲୋକ'ରେ ଜ୍ୟୋତ୍ସ୍ନା ଦେବୀଙ୍କ ବହୁ କବିତା ଏ ଭିତରେ ଆତ୍ମପ୍ରକାଶ କରି ସାରିଲାଣି । କେଉଁଥିରେ ହେଲେ କମଳବାବୁ ପ୍ରେମର ସତ୍ତା ଖୋଜି ଅନୁଭବ କରି ପାରି ନାହାନ୍ତି । ଭଗବାନଙ୍କ ନିକଟରେ ଦୀନ ଦରିଦ୍ରଙ୍କ ପାଇଁ କରୁଣ ନିବେଦନ ଜ୍ୟୋତ୍ସ୍ନାର ପ୍ରତ୍ୟେକ କବିତାରେ ଫୁଟି ଉଠିଛି । ସାରା ଦୁନିଆର ଦୁଃଖ ଦୁର୍ଦ୍ଦଶା ଅଭାବ ଅଭିଯୋଗ ଜ୍ୟୋତ୍ସ୍ନା ଭଗବାନଙ୍କ ନିକଟରେ ଯେପରି ଥୋଇ ଦେଇଛି ତାର କବିତାର ପ୍ରତି ପଦରେ । ଆଉ ଏପରି କବିତାକୁ ତାଙ୍କ ପତ୍ରିକାରେ ସ୍ଥାନ ଦେବାକୁ କମଳଲୋଚନଙ୍କର ମନ ହୁଏନା । ତଥାପି···

ବିଏ ପରୀକ୍ଷା ଆଜକୁ ପ୍ରାୟ ଏକମାସ ହେଲା ସରିଲାଣି । ଜ୍ୟୋତ୍ସ୍ନା ସାହିତ୍ୟ ସାଧନାରେ ନିଜକୁ ବୁଡ଼ାଇ ରଖିଛି । ପରୀକ୍ଷା ଫଳ ବାହାରିବ ଆଉ ଖାଲି ଦିନ ଗଲେ । ପ୍ରାସାଦର ପ୍ରତ୍ୟେକ

ଛାତ୍ର କମଳ ଏବଂ ସାହିତ୍ୟିକ ବନ୍ଧୁମାନେ ଆବେଗ ହୃଦୟରେ ଅନାଇ ରହିଛନ୍ତି ସେହି ମୁହୂର୍ତ୍ତକୁ । ମାତ୍ର ସେଥିପାଇଁ ଜ୍ୟୋତ୍ସ୍ନାର ଭଲେ ହେଲେ ଶୋଚନା ନାହିଁ । ସେ ସାଧନା କରିଛି ଦୁଇବର୍ଷ ନୁହେଁ ବର୍ଷ ବର୍ଷ ଧରି । ତାର ସାଧନା କେବେ ବୃଥା ହେବନାହିଁ । ସେ ନିଶ୍ଚୟ କୃତକାର୍ଯ୍ୟ ହେବ । ବୃଦ୍ଧ ମାଳକଣ୍ଠଙ୍କର ମନ ଅଥୟ ହେଉଛି କେବେ ସେ ଜ୍ୟୋତ୍ସ୍ନାର ପରୀକ୍ଷା ଫଳ ଶୁଣିବେ ।

× × × ×

ଠିକ୍ ସମୟରେ ପରୀକ୍ଷା ଫଳ ବାହାରିଲା । କଟକର ସ୍ତ୍ରା-ପାଠ ଖବର କାଗଜ ହକରଙ୍କ ପାଟି ଉଚ୍ଛୁଳି ଉଠିଲା । ସେଦିନର ସଂଧ୍ୟା କଟକର ଉଦ୍‌ବେଗ ଓ ଆଶଙ୍କାମୟ । ଖବର କାଗଜରୁ ଦେଖିବାକୁ ମିଳିଲା ଜ୍ୟୋତ୍ସ୍ନା ଦେବୀ ଓଡ଼ିଆରେ ଅନର୍ସ ସହ-ବି. ଏ. ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି । ପ୍ରାସାଦରେ ଆନନ୍ଦ କହିଲେ ନ ସରେ । ମାଳକଣ୍ଠଙ୍କୁ ଆଉ ଭୋକ ଶୋଷ ନାହିଁ । କେମାର ଓ ଦାମାର ଆନନ୍ଦ କହିଲେ ନ ସରେ । ଜ୍ୟୋତ୍ସ୍ନା ଯେ-ଆନନ୍ଦିତ ହୋଇଛି ତା' ନୁହେଁ । ମାତ୍ର ତାର ଆନନ୍ଦରେ ଗମ୍ଭୀରତା ଅଛି । ତାର ଆନନ୍ଦ ଉଚ୍ଛୃଙ୍ଖଳ ଆନନ୍ଦ ନୁହେଁ ।

ପରୀକ୍ଷାଫଳ ବାହାରିବାର ପରେ ପରେ ଶୁଭ ଅଭିବାଦନର ସ୍ରୋତ ଜ୍ୟୋତ୍ସ୍ନା ଦେବୀଙ୍କ ଦ୍ୱିତଳ ପ୍ରାସାଦକୁ ମାଡ଼ି ଆସିଲା । ବନ୍ଧୁ ପରେ ବନ୍ଧୁ ଜ୍ୟୋତ୍ସ୍ନାଦେବୀଙ୍କୁ ଅଭିବାଦନ ଜଣାଇବାକୁ ଆସିଲେ । କମଳ ମଧ୍ୟ ଦୌଡ଼ିଲେ ଅଭିବାଦନ ଜଣାଇବାକୁ । କାଠଯୋଡ଼ି କୂଳ ଆଜି ଉଚ୍ଛୁଳା ଉଠୁଛି । ଜ୍ୟୋତ୍ସ୍ନା ସମସ୍ତଙ୍କୁ

ଧନ୍ୟବାଦ ଜଣାଉଛନ୍ତି । ଦାମା ଓ ହେମା ଓ ଅନ୍ୟାନ୍ୟ ଗୃହର ଗୃହିଣୀ ଅପୂର୍ବ ଆନନ୍ଦରେ ବନ୍ଧୁମାନଙ୍କୁ ବରଫ ସରବତ୍ ପରିବେଷଣ କରୁଛନ୍ତି । ଜ୍ୟୋତ୍ସ୍ନାର ଆନନ୍ଦସମ୍ଭାଷଣ ବୃଦ୍ଧ ନୀଳକଣ୍ଠଙ୍କ ମନରେ ଅପୂର୍ବ ଆନନ୍ଦ ଆଣି ଦେଉଛି ।

କମଳଲୋଚନଙ୍କ ଆନନ୍ଦରେ ସୀମା ନାହିଁ । ହେମା ଓ ଦାମ ଦୂରରେ ଠିଆ ହୋଇ କମଳବାବୁଙ୍କୁ ହାତ ଦେଖାଇ କଣ କଥାବାର୍ତ୍ତା ହେଉ ଅଛନ୍ତି । କେହି ଲକ୍ଷ୍ୟ କରି ନ ଥିଲେ ମଧ୍ୟ କମଳ ଏହା ବହୁ ବେଳୁ ଲକ୍ଷ୍ୟ କଲେଣି । ସମସ୍ତେ ପରମ ଆନନ୍ଦରେ ବିହ୍ୱଳ ହେଉଥିବେଳେ କମଳ ଲୋଚନଙ୍କର ଭବିଷ୍ୟତ ସ୍ୱପ୍ନ ତାଙ୍କୁ ଅଧୀର କରି ଦେଉଥାଏ । ସେ ଭାଲି ଭାବୁଥାନ୍ତି ଏଇ ଦୂର୍ ଶୀଘ୍ର ତାଙ୍କର ଭାଗ୍ୟ ଓଲଟି ଯିବ ଏବଂ ସେ ସବୁ ସୁଖର ଅଧିକାରୀ ହେବେ । ବୃଦ୍ଧ ନୀଳକଣ୍ଠଙ୍କର ଆଉ କେହି ନାହିଁ । ସବୁ ସେହି ଏକା ଭୋଗ କରିବେ । ଅପୂର୍ବ ସୌଭାଗ୍ୟ ।

କ୍ରମେ ବନ୍ଧୁମାନେ ବିଦାୟ ନେଲେ । କାଠଯୋଡ଼ୀ କୂଳର ଦ୍ୱିତଳ ପ୍ରସାଦରୁ କ୍ଷଣକରେ ସବୁ କୋଳାହଳ ଆନନ୍ଦ ଉତ୍ସବ ଲୁଆଡ଼େ ଉଭେଇ ଗଲା । କମଳଲୋଚନ ଟିକିଏ ବ୍ୟସ୍ତ ମନରେ ଅନ୍ୟାନ୍ୟ ସାହିତ୍ୟିକ ବନ୍ଧୁମାନଙ୍କ ସଙ୍ଗେ ପ୍ରେସକୁ ଗଲେ । ଜ୍ୟୋତ୍ସ୍ନାଠାରୁ ସେ ସେଦିନ ଆଶା କରିଥିଲେ ସ୍ନେହ ଓ ସୌହାର୍ଦ୍ଦ୍ୟ । ମାତ୍ର ସବୁ ବନ୍ଧୁଙ୍କ ଭଳି ସେ ଥିଲେ ସେଦିନର ଜଣେ ବନ୍ଧୁ । ଶତ ଶତ ଅଭିବାଦକଙ୍କ ମଧ୍ୟରେ ସେ ଥିଲେ ଅନାତ୍ମୀୟ । କମଳଲୋଚନ ଆଶା କରିଥିଲେ ସେଦିନ ସନ୍ଧ୍ୟାରେ ସମସ୍ତେ ଭୁଲିଯିବେ । ମାତ୍ର ସେ ରହିବାପାଇଁ ଜ୍ୟୋତ୍ସ୍ନା ନିଜେ ତାଙ୍କୁ ଅନୁରୋଧ କରିବେ । ମାତ୍ର ତାହା ହେଲନାହିଁ । କମଳଲୋଚନଙ୍କ

ଭାବନା ଓ ଜ୍ୟୋସ୍ନାର ଭାବନା ଏକ ନୁହେଁ । ସେଥିପାଇଁ ବୋଧହୁଏ କମଳ ମନରେ ଏପରି ଉଦ୍‌ବେଗ ପ୍ରକାଶ ପାଉଥିଲା ବେଳେ ଜ୍ୟୋସ୍ନା ମନରେ ତାର ପ୍ରତିବାଦ ଅନୁଭୂତ ହେଉଥିଲା । କମଳଙ୍କ ମନରେ ସନ୍ଦେହ ଜାତ ହେଲା । ତେବେ କ'ଣ ତାଙ୍କର ସବୁ ଆଶା ନିରାଶାରେ ପରିଣତ ହେବ ? ସାହିତ୍ୟିକ ସମ୍ବନ୍ଧ କ'ଣ ବୃଥା ? ସେ ଦିନ ରାତିରେ କମଳଲୋଚନଙ୍କୁ ଆଉ ଭଲ ନିଦ ହେଲାନି ।

× × × ×

ଆଠଦିନ ବିତିଗଲା । ଉଷାଲୋକର ବିଶେଷାଙ୍କ ପ୍ରକାଶ ପାଇଲା । ନିଜେ କମଳଲୋଚନ ସେହି ସଂଖ୍ୟାରେ ଗୋଟିଏ ଗଳ୍ପ ଲେଖିଥିଲେ । ଗଳ୍ପର ନାମ ଥିଲା 'ଉଷା ଓ ଜ୍ୟୋସ୍ନା ।' ଜ୍ୟୋସ୍ନା କିପରି ଉଷା ଠାରୁ ମଧୁମୟୀ ଓ ସ୍ନିଗ୍ଧ ସେଇଆ ସେ ଗଳ୍ପ ଛଳରେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ତାଙ୍କର ତରୁଣ ପ୍ରାଣରେ ଗଭୀର ନିବେଦନ ଥିଲା ଗଳ୍ପର ଏଇ ନାୟିକା-ଠାରେ । ଗଳ୍ପର ପ୍ରକାଶଭଙ୍ଗୀ ଓ କଥାବସ୍ତୁ ଏକାବେଳେକେ ନୂଆ । ଉଷା ଓ ଜ୍ୟୋସ୍ନା ଦୁଇଟି ଚରିତ୍ର କ'ଣ ପରସ୍ପର ବିରୋଧୀ ? ଏକଥା ଜାଣିବାକୁ ପାଠକମାନଙ୍କୁ ଚିନ୍ତା କରିବାକୁ ପଡ଼ିଲା । ନିଜର ଭବିଷ୍ୟତର ରଙ୍ଗିନ୍ ଛବି କମଳ ଆଙ୍କିଥିଲେ ଏହି ଗଳ୍ପଟିରେ । ଜ୍ୟୋସ୍ନାର ହୃଦୟରେ ଛାପ ପକାଇବାକୁ କମଳ ପ୍ରାଣପଣେ ଚେଷ୍ଟା କରିଥିଲେ ଏଇ ଗଳ୍ପଟିରେ ।

ଘରେ ସକାଳୁ ଜ୍ୟୋସ୍ନା ଦେବୀ 'ଉଷାଲୋକର ବିଶେଷାଙ୍କଟି ଉଠାଇ ଆଣି ପଢ଼ିବାକୁ ଆରମ୍ଭ କଲେ ।

## —ସତର—

ସମ୍ପାଦକୀୟ ତା ପରେ ଦୃଷ୍ଟି ପଡ଼ିଲା ଏଇ ଗପଟି ଉପରେ । କୌତୁହଳୀ ହୋଇ ଜ୍ୟୋତ୍ସ୍ନା ଗପଟିକୁ ପଢ଼ିଲେ । ସବୁ ବୁଝିଲେ । ଟିକଏ ହସଲେ । ମନେ ମନେ ଭାବିଲେ ବାସ୍ତବିକ୍ ମଣିଷ ଭଗବାନଙ୍କର ବଡ଼ନ ସୃଷ୍ଟି । ନିଜକୁ ନବୁଝି ଯେ ପରକୁ ବୁଝିବାକୁ ଚେଷ୍ଟାକରେ ତା' ଠାରୁ ବଳି ନିର୍ବୋଧ ଆଉ ଏ ସଂସାରରେ କିଏ ଅଛି ? କମଳର ଗପଟିକୁ ଗପ ବୋଲି ଧରି ଜ୍ୟୋତ୍ସ୍ନାଦେବୀ ନିଜର ସ୍ୱଭାବ ସୁଲଭ ଗାମ୍ଭୀର୍ଯ୍ୟତା ରକ୍ଷା କଲେ ।

ଅଳ୍ପଟିକେ ପରେ ଆସିଲା ଖବରକାଗଜ ହକ୍‌କର । ଜ୍ୟୋତ୍ସ୍ନା ବସିଥିବା ଘରର ଝରକାରେ ଖବର କାଗଜ ଖଣ୍ଡିକ ଗଳାଇ ଦେଇ ଚାଲିଗଲା । ଜ୍ୟୋତ୍ସ୍ନା 'ଉଷାଲୋକ'କୁ ପକାଇ ଦେଇ ଖବର କାଗଜ ପଢ଼ିବାରେ ଲାଗିଲେ । ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା ଏକ ନିବେଦନ ଉପରେ ।

ପ୍ରିୟ ଭାଇ ଓ ଭଉଣୀମାନେ,

ଆଜି ଏ ଦୁର୍ଦ୍ଦିନରେ ମୁଁ ଆପଣମାନଙ୍କୁ ଏ ଗଭୀର ନିବେଦନ କରିବାକୁ ଯାଉଛି । ଗୋପ ନିମାପଡ଼ା ଅଞ୍ଚଳରେ ପ୍ରବଳ ଖାଦ୍ୟାଭାବ ଓ ତା ସଙ୍ଗେ ସଙ୍ଗେ ପ୍ରଳୟଙ୍କରୀ ହଇଜା ପ୍ରତି ଗ୍ରାମେ ଗ୍ରାମେ ଦେଖା ଦେଲାଣି । ସ୍ୱେଚ୍ଛାସେବକ ଓ ସ୍ୱେଚ୍ଛାସେବିକା ତୁରନ୍ତ ଆବଶ୍ୟକ । ଖାଦ୍ୟଶସ୍ୟ, ପଥ୍ୟ ଓ ଔଷଧ ବିଶେଷ ଦରକାର । ସରକାରୀ ସାହାଯ୍ୟ ଯଥେଷ୍ଟ ନୁହେଁ । ଯଥେଷ୍ଟ ବି ହେବା ଅସମ୍ଭବ । ଏହାକୁ ବ୍ୟକ୍ତିର ଡାକ ମନେ ନ କରି ଜାତିର ଡାକ ବୋଲି ମନେ କରିବେ । ତୁରନ୍ତ ସାହାଯ୍ୟ ଦରକାର ।

ନିବେଦକ
ନବୀନକୁମାର ଦାସ
ଲୋକସେବା ସଂଘ ଅଫିସ
ନିମାପଡ଼ା, ପୁରୀ

ହଠାତ୍ ଜ୍ୟୋତ୍ସ୍ନାର ଶୁଭ୍ର, ଶଙ୍କ୍ଣ ମୁଖମଣ୍ଡଳରେ ସ୍ୱେଦ-
ନ୍ଦୁ ଦେଖାଦେଲା । ଉଷା ଓ ଜ୍ୟୋତ୍ସ୍ନା ଗପ ଏବଂ ଖବର
ାଗଜର ଏହି ନିବେଦନ ବିଷୟରେ ସେ ଯଥେଷ୍ଟ ଭାବିଗଲା ।
ସ ନବୀନକୁ ମନେ ପକାଇଲା । ସେହି ସାହିତ୍ୟିକ ନବୀନ ।
ମ୍. ଏ. ପରେ ଲୋକସେବାକୁ ବ୍ରତ ରୂପେ ପାଳନ କରୁଛି ।
ଜ୍ୟୋତ୍ସ୍ନାର ଛାତି ଖାଲି ଦମ୍ ଦମ୍ ହେବାକୁ ଲାଗିଲା । ମୁଣ୍ଡ ତାର
ୁରାଇ ଦେଲା । ଦ୍ୱିତଳ ପ୍ରାସାଦ ସତେ ଭାଙ୍ଗି ପଡ଼ିବ । ଯେପରି
ୀନ ଦରିଦ୍ରର ବିକଳ କ୍ରନ୍ଦନ ଓ କରୁଣ ମିନତି ଜ୍ୟୋତ୍ସ୍ନାର
ାନରେ ବାରମ୍ବାର ବାଜିଲା । ମନେ ହେଲା ଯେପରି ତାକୁ କିଏ
ହୁଦୂରରୁ ଡାକୁଛି । ଜାତିର ଡାକ ଏ । ତାକୁ ସେ ଏଡ଼ି ଦେବ-
ାହିଁ । ଧନ, ସମ୍ପଦ ସ୍ଥାୟୀ ନୁହେଁ । ସ୍ଥାୟୀ ଏହି ମାନବ ଜାତି ।
ାନବିକତା । ତାର ଯୁବତୀ ପ୍ରାଣ ଅସ୍ଥିର ହେଲା । ଶତ ଶତ
ୁବକ ଯୁବତୀଙ୍କ କଙ୍କାଳର କରୁଣ ଚିତ୍ର ତା ଆଖି ଆଗରେ
ାଶଗଲା । ସେ ଆଉ ସମ୍ଭାଳି ପାରିଲା ନାହିଁ । ସଙ୍ଗେ ସଙ୍ଗେ
ୁଲିଲା ବାପାଙ୍କ ନିକଟକୁ ।

"ବାପା ମୁଁ ଯାଉଛି । ଓଡ଼ିଶାର ଏ ଦୁର୍ଦ୍ଦିନବେଳେ ମୁଁ ଯଦି
ହି କାଠଯୋଡ଼ୀ କୂଳର ପ୍ରାସାଦରେ ଦିନ ଯାପନ କରେ,

—ଉଣିଶ—

ତେବେ ମୋର ଜୀବନ ବ୍ୟର୍ଥ ହେବ । ଶତ ଶତ କଙ୍କାଳର ଆର୍ତ୍ତନାଦ ନିକଟରେ ପ୍ରାସାଦର ମୋହ କିଛି ନୁହେଁ । ମୋତେ ପାଞ୍ଚଶହ ଟଙ୍କା ଦିଅ । ମୁଁ ଚାଲିଲି ।" ଜ୍ୟୋସ୍ନା ହୃଦୟର ଆବେଗରେ କହି ଚାଲିଲା । ମନ ତାର ଅସ୍ଥିର । ହୃଦୟ ତାର କାରୁଣ୍ୟରେ ପୂର୍ଣ୍ଣ ।

ବାପା ଯେତେ ବୁଝାଇଲେ ଜ୍ୟୋସ୍ନା ବୁଝିଲା ନାହିଁ । ଚାକର ଚାକରାଣୀଙ୍କ ଶତ ଅନୁରୋଧ ବୃଥା ହେଲା । ଦୂରର ସେହି ଜୀବନ ସଂଗୀତ ତାର କାନରେ ବାରମ୍ବାର ବାଜିଲା । ବାପା ଅନ୍ୟ ଉପାୟ ନ ଦେଖି ସାଙ୍ଗରେ ବୁଢ଼ୀ ରତମାକୁ ଦେଇ ଅଶ୍ରୁପୂର୍ଣ୍ଣ ନୟନରେ ଜ୍ୟୋସ୍ନାକୁ ବିଦାୟ ଦେଲେ । ଜ୍ୟୋସ୍ନା ବାପାଙ୍କ ପାଦତଳେ ମୁଣ୍ଡିଆ ମାରି ରିକ୍ସା ଖଣ୍ଡିକରେ ଷ୍ଟେସନ ଅଭିମୁଖେ ଯାତ୍ରା କଲା । ସାଙ୍ଗରେ ରତମା । ଜ୍ୟୋସ୍ନାର ମନ ଉଦ୍‌ବେଗରେ ଭରା ।

—୪—

ଜ୍ୟୋତ୍ସ୍ନା ଯାଇ ନିମାପଡ଼ାରେ । ବୃଦ୍ଧ ନୀଳକଣ୍ଠ ଜ୍ୟୋତ୍ସ୍ନା ଯିବାର ପର ଦିନଠାରୁ ଶଯ୍ୟାଶାୟୀ । ଯକୃତର ବେଦନା ତାଙ୍କର ବଢ଼ିଛି । ବୃଦ୍ଧ ବୟସରେ ଯନ୍ତ୍ରଣା ଅସହ୍ୟ ହେଉଛି । ଦାମା ଓ କୃମାର ପ୍ରାଣାନ୍ତକ ଚେଷ୍ଟା ସତ୍ତ୍ୱେ ବେଦନାର ଉପଶମ ହେଉ-ନାହିଁ । ଏ ଭିତରେ ସୁରଜଣ ଡାକ୍ତର ଓ ନିଜେ ସିଭିଲ ସର୍ଜନ ମଧ୍ୟ ନୀଳକଣ୍ଠଙ୍କୁ ଦେଖି ଗଲେଣି । ବୃଦ୍ଧଙ୍କର ବେଦନା ଉପଶମ ନ ହେଲେ ମଧ୍ୟ ଭୟର କାରଣ ନାହିଁ ବୋଲି ସିଭିଲ ସର୍ଜନ ମତ ଦେଲେ ।

ନୀଳକଣ୍ଠଙ୍କର ଏପରି ଦୁର୍ଦ୍ଦିନରେ କମଳଲୋଚନ ଆସି ପହଞ୍ଚିଲେ ଠିକ୍ ଦୁଇଦିନ ପରେ । କମଳଲୋଚନ ଦେଖିଲେ ଘରର ଚାକର ଚାକରାଣୀଙ୍କ ଠାରୁ ଆରମ୍ଭ କରି ନୀଳକଣ୍ଠ ବାବୁଙ୍କୁ ଆୟତ୍ତ କରିବାର ଏହା ଏକ ଅପୂର୍ବ ସୁଯୋଗ । ଏକା ନୀଳକଣ୍ଠ ବାବୁ ଏ ଦାରୁଣ ରୋଗରୁ ମୁକ୍ତ ହେବା ଦରକାର ।

ଭବିଷ୍ୟତର ରଙ୍ଗୀନ ସ୍ୱପ୍ନ କମଳଲୋଚନଙ୍କ ଆଖି ଆଗରେ ବାରମ୍ବାର ଭାସିଗଲା । ଏଥର ନିଶ୍ଚୟ ସ୍ୱପ୍ନ ସଫଳ ହେବ ।

—ଏକୋଇଶ—

ଡାକ୍ତର ମାନଙ୍କ ନିକଟକୁ ବାରମ୍ବାର ନିଜେ ଯାଇ ରାତ ସାରା ନୀଳକଣ୍ଠ ବାବୁଙ୍କ ସେବା କରି କରି କମଳଲୋଚନ ଏକା ବେଳକେ ନିସ୍ତେଜ ଦେଖା ଗଲେଣି । ବୃଦ୍ଧ ନୀଳକଣ୍ଠ ଏପରି ଅଶାନ୍ତିତ ସେବାରେ ଅସ୍ଥିର୍ଯ୍ୟ ହେଉଥିବା ହୁଅନ୍ତି କମଳଙ୍କୁ ସ୍ନେହ ମଧ୍ୟ ସେତିକି କରନ୍ତି । ଘରର ଚାକର ଚାକରାଣୀ ସମସ୍ତେ କମଳଲୋଚନଙ୍କୁ ଅନ୍ୟ ପ୍ରକାରରେ ଦେଖିନେଇଛନ୍ତି । ତେଣୁ ସମସ୍ତେ ତାଙ୍କ କଥା ମାନି ନୀଳକଣ୍ଠଙ୍କର ସେବା କରନ୍ତି । ଯେତେବେଳେ ଯାହା ଦରକାର ପଡ଼େ ଦାମା ସଙ୍ଗେ ସଙ୍ଗେ ଯାଇ ବଜାରରୁ କିଣି ଆଣେ ।

ଆଜକୁ କମଳଲୋଚନଙ୍କର ନୀଳକଣ୍ଠଙ୍କ ଘରେ ରହିବା ପ୍ରାୟ ଦଶଦିନ ହୋଇ ଗଲାଣି । ସବୁ ଚାକର ଓ ଚାକରାଣୀଙ୍କୁ ସେ ଏ ମଧ୍ୟରେ ବଳ ନେଲେଣି ।

ରାତସାରା ବୃଦ୍ଧ ନୀଳକଣ୍ଠଙ୍କ ପାଖେ ଜଗି ବସି ବସି ନିଦରେ ଆଖି ଭାଙ୍ଗି ପଡ଼ୁଛି । ସେ ଯୁଆଡ଼େ ଶୋଇବାକୁ ଗଲେଣି । କାରଣ ବୃଦ୍ଧ ନୀଳକଣ୍ଠ କେତେବେଳେ ଏ ଭିତରେ ଟିକେ ଶୋଇ ପଡ଼ିଛନ୍ତି । ତାଙ୍କର ବେଦନା ଟିକେ କମି ଯାଇଛି ।

ଜେମା ନୀଳକଣ୍ଠଙ୍କ ଗୋଡ଼ ଘଷୁଥିଲା । କମଳଲୋଚନ ମୁଣ୍ଡ ପାଖେ ବସି ଔଷଧପତ୍ର ଘଡ଼ିକୁ ଘଡ଼ି ଘଣ୍ଟା ଦେଖି ଦେଉଥିଲେ । ଜେମାର ଅନୁରୋଧରେ କମଳଲୋଚନ ସେହି ଘରର ଖାଲି ଚଟାଣ ଉପରେ ସତରଞ୍ଜି ଖଣ୍ଡେ ପକାଇ ଦେଇ ଶୋଇ ପଡ଼ିଲେ । ନିଜକୁ ସେ ଆଉ ସମ୍ଭାଳି ପାରିଲେ ନାହିଁ । ରାତି ଅନିଦ୍ରା

କେତେ ବା ସମ୍ଭାଳିବେ ? ତଳେ ପଡ଼ୁ ପଡ଼ୁ ନିଦ ହୋଇଗଲା । ଅର୍ଦ୍ଧରାତ୍ରି । ନିଶା ସୁ ସୁ ଗର୍ଜୁଛି । କାଠଯୋଡ଼ୀ କୂଳର ବର-ଗଛରୁ ପେଚାର ଭୟଙ୍କର ଡାକ ରହି ରହି ଥରେ ଥରେ କାନରେ ବାଜୁଛି । ପାଖଘରମାନଙ୍କରେ କୁମ୍ଭକର୍ଣ୍ଣ ଭଳି ସମସ୍ତେ ଶୋଇଛନ୍ତି । ଘୁଙ୍ଗୁଡ଼ି ଶବ୍ଦରେ ସାରା ପ୍ରାସାଦ କଂପି ଉଠୁଛି । ଘର ଭିତରେ ଜଳୁଛି ଲ୍ୟାମ୍ପଟାଏ । ବିଜୁଳି ଆଲୁଅ ନୀଳକଣ୍ଠ ବାବୁଙ୍କୁ ଭଲ ନ ଲାଗିବାରୁ ଲ୍ୟାମ୍ପଟାଏ ଜଳା ଯାଇଛି । ଘରଟା ଖାଲି କ୍ଷେମାକୁ ମାଡ଼ି ମାଡ଼ି ବସିଲା । ନୀଳକଣ୍ଠବାବୁ ନିଦଘୋଡ଼ ନିଦରେ ଶୋଇ ପଡ଼ିଛନ୍ତି ।

କ୍ଷେମା ଆଜି ଧୈର୍ଯ୍ୟ ଧରିପାରିଲା ନାହିଁ । ତାର ଦେହ ଗୋଟା ସୁଦ୍ଧା ଥରୁଥାଏ । ସେ ନୀଳକଣ୍ଠ ବାବୁଙ୍କ ଖଟ ଉପରେ ବସି କମଳଲୋଚନର ମଳିନ ମୁଖକୁ ନିରୀକ୍ଷଣ କଲା । ଲ୍ୟାମ୍ପର ଏକ କ୍ଷୀଣ ଆଲୋକ ରେଖା କମଳଲୋଚନଙ୍କ ମୁଖମଣ୍ଡଳରେ ପଡ଼ିଥାଏ ।

କ୍ଷେମା ତଳକୁ ଓହ୍ଲାଇ ଆସିଲା । ଆଖିରେ ତାର ଭରା ନିଦ । ମନତଳେ ତାର ଅପୂର୍ବ କାମନା । ସେଦିନ ଗୋଟେ ଠାରେ କମଳଲୋଚନଠାରୁ ସେ ସଙ୍କେତ ପାଇଛି । ଡର ଲାଗିଲାନି । ବିଧବା ହୋଇଥିଲା ସେ ପନ୍ଦର ବର୍ଷରେ । ସେହି ଦିନଠାରୁ ଜ୍ୟୋତ୍ସ୍ନାଦେବୀଙ୍କ ଘରେ ସେ ଅଛି । ତାର କାମନା ଚରିତାର୍ଥ କରିବାର ଏହା ହେଉଛି ଅପୂର୍ବ ସୁଯୋଗ ।

କ୍ଷେମା ଧୀରେ ଧୀରେ ଯାଇ କମଳଲୋଚନଙ୍କ ପାଖକୁ ଲାଗି ଶୋଇ ପଡ଼ିଲା । କିଛିକ୍ଷଣ ପରେ କେତେବେଳେ ଭାବୁ ଭାବୁ

...ତ ହୋଇ ଯାଇଛନ୍ତି ସେ ଜାଣେନା । ଅଜାଣତରେ ତାଙ୍କ ହାତ ଚାଲି ପଡ଼ିଲା କମଲଲୋଚନଙ୍କ ଉପରେ । ଏଣେ ଲ୍ୟାମ୍ପରୁ ତେଲ ସରି ଆସିଲାଣି । ଲ୍ୟାମ୍ପ ମିଞ୍ଜି ମିଞ୍ଜି ହୋଇଗଲାଣି । ଗୃହମଧ୍ୟରେ ଅନ୍ଧାରର ଜାଲ ବିଛେଇ ହୋଇ ପଡ଼ିବାକୁ ଆରମ୍ଭ କଲାଣି ।

ହଠାତ୍ କମଲଲୋଚନଙ୍କ ନିଦ ଭାଙ୍ଗିଗଲା । ଦେଖିଲେ ଲ୍ୟାମ୍ପ ଲିଭି ଆସୁଛି । ସମସ୍ତେ ନିଦ୍ରାଭିଭୂତ । ପାଖରେ ଶୋଇଛନ୍ତି ପ୍ରେମା । କମଲଙ୍କର ଆଉ ଭାବିବା ଦରକାର ପଡ଼ିଲାନି । ପ୍ରେମାର ହୃଦୟକୁ ଜାଣି ପାରିଲେ ସେ ନୀଳକଣ୍ଠ ଓ ଜ୍ୟୋସ୍ନାର ହୃଦୟକୁ ଜାଣି ପାରିବେ । ତଥାପି କେଉଁ ଅଜଣା ଆଶଙ୍କା ତାଙ୍କର ମନ ଭିତରେ ଉଙ୍କିମାରୁଥାଏ । ଧୀରେ ଧୀରେ ସେ ପ୍ରେମାର ହାତକୁ ନିଜ ଛାତି ଉପରୁ ଉଠାଇ ତଳକୁ ରଖିଲେ । ଦେହରେ ତାଙ୍କର ଶିହରଣ । ଅମାନିଆ ମନକୁ ସେ ଆଉ ଧରି ରଖି ପାରିଲେ ନାହିଁ । ପ୍ରେମାର ମୁଣ୍ଡକୁ ସେ ଧୀରେ ଧୀରେ ଆଉଁଷି ଦେଲେ । ନୂଆ ହାତର ପରଶରେ ପ୍ରେମାର ତନ୍ଦ୍ରା କ୍ଷଣକେ ଭାଙ୍ଗିଗଲା । ଉଭୟେ ଉଭୟଙ୍କର ଅବସ୍ଥା ବୁଝିଲେ । ଉଭୟେ ଉଭୟଙ୍କୁ ଦୃଢ଼ ଭାବରେ ଆଲିଙ୍ଗନ କଲେ । କମଲ ଗୋଟିଏ ଦୁର୍ବଳ ମୁହୂର୍ତ୍ତରେ ତାଙ୍କର ସାହିତ୍ୟିକ ବୁଦ୍ଧିବୃତ୍ତି ଓ ମାନବିକତାକୁ ବଳି ଦେଲେ ପ୍ରେମା ନିକଟରେ । ଲ୍ୟାମ୍ପଟା ଦପ୍ କରି ଥରେ ଜଳି ଉଠି ଲିଭିଗଲା । ସତେ ଯେପରି ଲ୍ୟାମ୍ପଟା କମଲଙ୍କ ଅବିବେକକୁ ଅଟ୍ଟହାସ୍ୟ କଲା । ନୀଳକଣ୍ଠବାବୁ ଖଁ ଖଁ ହୋଇ ଖୁବ୍ ଜୋରରେ କାଶି ଉଠିଲେ । ସତରଞ୍ଜି ଖଣ୍ଡେ ଗୋଟାଇଦେଇ ପ୍ରେମା ବାହାର ବାରଣ୍ଡାକୁ ପଳାଇ ଗଲା । ସେଇଠି ନ ଜାଣିଲା ଭଳି ଶୋଇ ପଡ଼ିଲା । କମଲଲୋଚନ ଡିଆସିଲଟା ମାରି ଲ୍ୟାମ୍ପଟା ଲଗାଇଲେ ।

କହୁଁ ନକହୁଁଣିଲୁ ଭଳି ଡାମା, ଜେମା ବୋଲି ଖୁବ୍ ଡାକ ଛାଡ଼ିଲେ । ସଙ୍ଗେ ସଙ୍ଗେ ଜେମା ଓ ଅନ୍ୟାନ୍ୟ ଘରର ଘରଣୀମାନେ ଆସି ନୀଳକଣ୍ଠବାବୁଙ୍କ ଗୋଡ଼ ହାତ ମଞ୍ଜାଳିବାରେ ଲାଗିଲେ । କମଳ-ଲୋଚନ ଆଗ ଭଳି ନୀଳକଣ୍ଠଙ୍କ ମୁଣ୍ଡପାଖରେ ବସି ଆଉ ଥରେ ଔଷଧ ଗ୍ଲାସରେ ଢାଳିଲେ । ଜେମା ମୁହଁକୁ ଅନାଇବାକୁ ତାଙ୍କୁ ଲାଜ ମାଡ଼ିଲା ।

କ୍ରମେ ନୀଳକଣ୍ଠବାବୁ ଟିକେ ସୁସ୍ଥ ହେଲେ । କମଳଲୋଚନ ଏଥର ନିଜର ପ୍ରେସକୁ ଗଲେ । ମଝିରେ ମଝିରେ ଆସୁଥାନ୍ତି । ପୂର୍ଣ୍ଣସ୍ୱାସ୍ଥ୍ୟ ଲାଭ ନକଲା ଯାଏ କୌଣସି ଚିନ୍ତା କରିବାକୁ କମଳ ମନା କରୁଥାନ୍ତି ।

ଏ ମଧ୍ୟରେ ଜ୍ୟୋତ୍ସ୍ନା ପ୍ରାୟ ଅନେକ ଚିଠି ଦେଲାଣି । ମାତ୍ର କୌଣସିଟିର ହେଲେ ସେ ଉତ୍ତର ପାଇନି । ବାପା ବୋଧ ହୁଏ ରାଗି କରି ଉତ୍ତର ଦେଉ ନାହାନ୍ତି ବୋଲି ଭାବି ସେ ଟିକିଏ ଚିନ୍ତିତ । ହେଲେ ଦୀନଦରିଦ୍ରଙ୍କ ସେବାକୁ ପ୍ରତ୍ୟାଖ୍ୟାନ କରି ସେ ଆସିପାରୁନି ।

ସବୁ ଚିଠି ଆସିଛି ମାତ୍ର କମଳଲୋଚନଙ୍କ ନିର୍ଦ୍ଦେଶରେ ସେସବୁ ନଷ୍ଟ କରି ଦିଆ ହୋଇଛି । କାରଣ ପିତାଙ୍କ ରୋଗର ଖବର ପାଇ ଜ୍ୟୋତ୍ସ୍ନା ଯଦି ଚାଲି ଆସେ ତେବେ କମଳଙ୍କର ସବୁ ଷଡ଼ଯନ୍ତ୍ର ନଷ୍ଟ ହୋଇ ଯିବ । ଏପରି ଅପୂର୍ବ ସୁଯୋଗ ସେ ଆଉ ପାଇବେ ନାହିଁ ।

ସେଇଥି ଲାଗି କୌଣସି ଚିଠିର ଉତ୍ତର ନଦେଇ ନୀଳକଣ୍ଠଙ୍କୁ ଜ୍ୟୋତ୍ସ୍ନା ଭଲଥିବା କଥା କହୁଛନ୍ତି । ବୃଦ୍ଧ ନୀଳକଣ୍ଠ ରୋଗ-

ଶଯ୍ୟାରେ ପଡ଼ି ତାର ବିଶେଷ ଖବର ରଖିବାକୁ ସମର୍ଥ ହୋଇ ନାହାନ୍ତି । ନୀଳକଣ୍ଠଙ୍କର ପ୍ରଶ୍ନର ଉତ୍ତର ଦେଇ କମଳ ସବୁବେଳେ କହି ଆସିଛନ୍ତି ଯେ ଜ୍ୟୋତ୍ସ୍ନା ଚିଠି ପାଇ ମଧ୍ୟ ଉତ୍ତର ଦେଉନି । ନୀଳକଣ୍ଠଙ୍କର ତଥାପି ଝିଅ ଉପରୁ ସ୍ନେହ ତୁଟିନି ।

ଆଜିକାଲି ଶିକ୍ଷିତା ଯୁବତୀଙ୍କଠାରେ କେଉଁ ବିଶ୍ୱାସ ? ପିତା ରୋଗଶଯ୍ୟାରେ ଅଥଚ ଝିଅଙ୍କର ଲୋକସେବା ଚାଲିଛି । ନା, ତାହା ଗୋଟାଏ ଖାଲି ଆଳ । କମଳ ଜାଣନ୍ତି ଜ୍ୟୋତ୍ସ୍ନା କାହାର ସେବା କରିବାକୁ ଯାଇଛି ।

ଦାମା ଓ ଜେମାର ସମ୍ବନ୍ଧ ସମଗ୍ର ପ୍ରାସାଦ ମଧ୍ୟରେ କାହାକୁ ଅଜଣା ନାହିଁ । ଦାମା ଜେମାକୁ ଭଲ ପାଏ । ଦୁହିଁଙ୍କର ଗୋଟିଏ କଥା । କମଳଲୋଚନ ତାଙ୍କ ଭାବନାକୁ କେତେଥର ସ୍ୱା-ଭିତରେ ଚାକର ଚାକରାଣୀଙ୍କ ଆଗରେ ପ୍ରକାଶ କଲେଣି । ଜେମା ଓ ଦାମା ଏକଥାକୁ ଝୁର୍ ବିଶ୍ୱାସ କରୁଛନ୍ତି । ହେଲେ ଘରର ପୁରୁଣା ଚାକରାଣୀ ନିଧିଆମା'ର ଏଥିରେ ସନ୍ଦେହ ଅଛି । ଜ୍ୟୋତ୍ସ୍ନା ପରି ପିଲାକୁ ସେ ଭଲ ଭାବେ ଜାଣେ । ତପସ୍ୱିନୀ ସେ । ଜ୍ୟୋତ୍ସ୍ନା ଅଟଳ ମହାମେରୁ । ତାକୁ ଟଳାଇବ କିଏ ?

କମଳଲୋଚନ ନ ଥିଲେ ବୃଦ୍ଧ ନୀଳକଣ୍ଠଙ୍କର ମୃତ୍ୟୁ ନିଶ୍ଚୟ ହୋଇ ଥାନ୍ତା । ଦାମା ଓ ଜେମାର ଏଇ କଥା । ଦାଣ୍ଡରେ ହାଟରେ, ଖୋଦ୍ ବାବୁଙ୍କ ପାଖରେ ମଧ୍ୟ ।

ବୃଦ୍ଧ ନୀଳକଣ୍ଠ ନିର୍ବାକ୍ । କ୍ରମେ ନୀଳକଣ୍ଠ ପୂର୍ଣ୍ଣସ୍ୱାସ୍ଥ୍ୟ ଲାଭ କଲେ । କମଳ ଏବେ ପ୍ରତିଦିନ ଆସି ଦେହର ଖବର ବୁଝିବା

ବାହାନାରେ କ୍ଷେମାଠାରୁ ଅନ୍ୟାନ୍ୟ ଖବର ନିଅନ୍ତି । ନୀଳକଣ୍ଠଙ୍କୁ ପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ ଦିଅନ୍ତି । ତଥାପି ବୃଦ୍ଧ ନୀଳକଣ୍ଠ କେଉଁ ଦିନ ହେଲେ ଭୁଲରେ ଜ୍ୟୋସ୍ନା ପ୍ରସଙ୍ଗରେ କଥା ବାଢ଼ି କରିବାର କମଳ ଦେଖିଲେ ନାହିଁ । କମଳ ଭାବିଲେ ମଣିଷ କଣ ପ୍ରକୃତରେ କୃତଘ୍ନ ? ନା, ସେବାର ବାସ୍ତବ ମୂଲ୍ୟ ଅଛି !

—୪—

ଏବେମାତ୍ର ଅଲ୍‌ଅଳ ଝିଅ ଜ୍ୟୋସ୍ନାକୁ ଛାଡ଼ି ଏକା ରହିବାକୁ କ୍ରମେ ନୀଳକଣ୍ଠବାବୁଙ୍କୁ ବଡ଼ ଅସହ୍ୟ ବୋଧହେଲା । ଆଖି ବୁଜିବା ଆଗରୁ ଝିଅକୁ ହାତକୁ ଦି ହାତ କରି ଦେଲେ ନୀଳକଣ୍ଠଙ୍କର ସବୁ ଜଞ୍ଜାଳ ଶେଷ । ଶେଷ ଜୀବନରେ ଝିଅକୁ ପାଖରେ ରଖି ମରିବାକୁ ବୃଦ୍ଧଙ୍କର ଅଶେଷ ଆଶା । ମାତ୍ର ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ । ବୃଦ୍ଧ ନୀଳକଣ୍ଠଙ୍କ ମନରେ ଏତିକି ମାତ୍ର ଅଶାନ୍ତି ।

କଥା ପ୍ରସଙ୍ଗରେ କ୍ଷେମା ବହୁତ ଥର କହିଲାଣି—ଏଥର ଝିଅକୁ ନେଇ ଆସନ୍ତୁ ବାବୁ । ଯୁବତୀ ଝିଅ । ଯେତେ ପାଠ ପଢ଼ିଲେ ମଧ୍ୟ ଗୋଟାଏ ଇଜ୍ଜତ ଅଛି । ଆମର କଅଣ ନାହିଁ ? କୋଠା ବାଡ଼ୀ ଧନ ଦୌଲତ ସବୁ ଅଛି । ଆଜି ଛୁଟିରୁ ଫିଟିଲେ କାଲି ଆପେ ଆପେ ଶହ ଶହ ବର ଆସି ଦୁଆରେ ହାଜର

ହେବେ । ରୂପରେ ଗୁଣରେ ଆମ ଝିଅ କେଉଁଥିରେ ଊଣା ? କେଉଁ ମଫସଲରେ ଯାଇ ବୁଲୁଛନ୍ତି, ଘରି ତଳକୁ ଦେଖିବାରେ ଦମ୍ଭ ନାହିଁ । ଯାଇ ଘରଲାଗି ଏତେ କଷ୍ଟ ! ପରପାଇଁ ଏତେ ଚିନ୍ତା କାହିଁକି ? ଆପେ ଭଲ ଥିଲେ ସିନା ଗାଇଜ ଯାକ ଭଲ । ଏତେ ପାଠ ପଢ଼ି ଥିଲେ କ'ଣ ଏଇଥି ପାଇଁ, ମା' ଥିଲେ କଣ ଏପରି କରେଇ ଦିଅନ୍ତେ ?

ନୀଳକଣ୍ଠ ମନେ ମନେ ଭାବିଲେ ଜେମା ଯାହା କହୁଛି ତାହା ବାସ୍ତବିକ୍ ଠିକ୍ । କେଉଁଥିରେ ଅଭାବ ? ପୁରୁଷଙ୍କୁ ସିନା ଏପରି ବାହାର କାମ ସାଜେ । ହେଲେ ଜ୍ୟୋତ୍ସ୍ନା ଯେ କି ତାଙ୍କ ଜୀବନ, ତାକୁ ସେ ପାଖରୁ ଛାଡ଼ିଦେବେ କିପରି ? ଲୋକସେବା କରିବାକୁ ନୀଳକଣ୍ଠ ମନା କଲେ ମଧ୍ୟ ବିବାହ ପରେ ଯାହା କରୁ କଲେ ସେ ଆପତ୍ତି କରିବେ ନାହିଁ ।ଜ୍ୟୋତ୍ସ୍ନା ସଙ୍ଗେ କଥାବାର୍ତ୍ତା ପରେ ସେ ତା'ପାଇଁ ବରପାତ୍ର ଠିକ୍ କରିବେ । ଏଇ ବିଷୟ ଜ୍ୟୋତ୍ସ୍ନା ନିକଟକୁ ପତ୍ରଦ୍ୱାରା ଜଣାଇ ଦେଲେ ।

ଦୁଇ ଦିନ ଭିତରେ ଜ୍ୟୋତ୍ସ୍ନା ଚିଠିଟି ପାଇଲା । ଚିଠିରେ ଲେଖା ଅଛି—

ମା ଜ୍ୟୋତ୍ସ୍ନା,

ବହୁଦିନ ହେଲା ତୋଠାରୁ ଚିଠି ନ ପାଇ ମନ ବଡ଼ ଦୁଃଖିତ । ଆଶା,ଭଗବାନଙ୍କ କୁଶଳରୁ ତୁ ଭଲରେ ଥିବୁ । ମୋର ତୋ ସଙ୍ଗେ ଗୋଟିଏ ଜରୁରୀ ବିଷୟ ନେଇ କଥାବାର୍ତ୍ତା ଅଛି । ଶୀଘ୍ର ଆସିବୁ । ଲୋକସେବା କରିବାକୁ ମୁଁ ତୋତେ ମନା କରୁନି ।

ତୋର
ବାପା

ଚିଠିଟି ପଢ଼ି ଜ୍ୟୋସ୍ନାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସବୁ କଥା ନବୀନବାବୁଙ୍କୁ କହିଲା । ତଥାପି ଏପରି ଅବସ୍ଥାରେ ନିମାପଡ଼ା ଛାଡ଼ି କଟକ ଯିବାକୁ ତାର ଆଦୌ ଇଚ୍ଛା ହେଉନି । ଶତ ଶତ ନିରନ୍ନ ରୋଗଗ୍ରସ୍ତ କଙ୍କାଳଙ୍କର ସେବାରେ ଜ୍ୟୋସ୍ନା ନିଜକୁ ଭୁଲାଇ ଦେଇଛି । ତାର ଆଭିଜାତ୍ୟ, ତାର ଉଚ୍ଚ ଶିକ୍ଷା ସବୁ କିଛିର ମୂଲ୍ୟ ଆଜି ଏହି ଦୁଃଖ ଦୁର୍ଦ୍ଦଶା ଆଗରେ ନଗଣ୍ୟ । ଲୋକ ପୋକ ମାଛି ପରି ମରୁଛନ୍ତି । ଖାଦ୍ୟାଭାବ ଓ ହଇଜାର ପ୍ରକୋପ ଆହୁରି ଅଧିକ । ଗୋପ, ନିମାପଡ଼ାରେ ଜ୍ୟୋସ୍ନା ବର୍ତ୍ତମାନ ମା' । ଅପୂର୍ବ ଉତ୍ସାହରେ ସମସ୍ତ କର୍ମୀ ଲାଗିପଡ଼ିଛନ୍ତି । ପ୍ରକୃତି ସଙ୍ଗେ ସେମାନଙ୍କର ଭୀଷଣ ଯୁଦ୍ଧ ଚାଲିଚି । ଔଷଧ ଓ ଖାଦ୍ୟ ବାଣ୍ଟି ବାଣ୍ଟି, ମଫସଲର ଗାଁ ଗଣ୍ଡା ବିଲବାଡ଼ି ବୁଲି ବୁଲି ଜ୍ୟୋସ୍ନାର କଅଁଳ ପାଦ ପଥର ପାଲଟି ଗଲାଣି । ତଥାପି ମନରେ ତାର ବିପୁଳ ସାହାସ । ଅପରିମାପ ଧୈର୍ଯ୍ୟ । ସାରା ଅଞ୍ଚଳରେ ଜ୍ୟୋସ୍ନା ଯକାଇ ଦେଇଛି ଏକ ଚହଲ । ସାରା ଗୋପ ନିମାପଡ଼ା ଅଞ୍ଚଳର ବର୍ତ୍ତମାନ ସେ ଝିଅ । ଶତ ଶତ ପିଲା ତାର ସେବାକୁ ଅନାଇ ରହିଛନ୍ତି । ଶତ ଶତ ମା, ଭାଇ ଭଉଣୀ ଜ୍ୟୋସ୍ନାର ଅକପଟ ସେବା ଶୁଶ୍ରୂଷାକୁ ଅନାଇ ରହିଛନ୍ତି । ସେ ଯଦି ଆଜି କଟକ ଚାଲିଯାଏ, ତେବେ ଗୋପ ଓ ନିମାପଡ଼ା ଅଞ୍ଚଳ ତାର ଫେରିବା ଯାଏଁ ଅନ୍ଧାର ହୋଇଯିବ ।

ନବୀନ ଓ ରତ୍ନାର ବହୁ ଯୁକ୍ତି ପରେ ଜ୍ୟୋସ୍ନା ରାଜି ହେଲା । ଦୁଇ ଦିନ ପରେ ବାପାଙ୍କ ସଙ୍ଗେ ଦେଖାକରି ନିଶ୍ଚୟ ସେ ନିମାପଡ଼ା ଫେରିବ । ନବୀନ ଓ ଅନ୍ୟାନ୍ୟ ସହକର୍ମୀମାନେ ଜ୍ୟୋସ୍ନାକୁ ବିଦାୟ ଦେଲେ । ଜ୍ୟୋସ୍ନା ରତ୍ନା ସହ କଟକ

ଅଭିମୁଖେ ଯାତ୍ରା ଆରମ୍ଭ କଲା । ଜ୍ୟୋତ୍ସ୍ନାର ପଛେ ପଛେ ଷବ୍ଦ ଶବ୍ଦ ଲୋତକପୂର୍ଣ୍ଣ ଚକ୍ଷୁ । ଅଶ୍ରୁପୂର୍ଣ୍ଣ ନୟନରେ ନିମାପଡ଼ାର ଶତ ଶତ ଭାଇ ଭଉଣୀ ଜ୍ୟୋତ୍ସ୍ନାକୁ ବିଦାୟ ଦେଲେ । ଜ୍ୟୋତ୍ସ୍ନାର ଆଖିରୁ ଝପେ ଝପେ ଲୁହ ଗଡ଼ି ପଡ଼ିଲା । ନବୀନ ଓ ଅନ୍ୟାନ୍ୟ ସହକର୍ମୀମାନେ ଜ୍ୟୋତ୍ସ୍ନାକୁ ହସ ହସ ମୁହଁରେ ବିଦାୟ ଦେଇ ନିଜ ନିଜର କର୍ମକ୍ଷେତ୍ରକୁ ଫେରି ଗଲେ । ଜ୍ୟୋତ୍ସ୍ନା ଓ ରତମାକୁ ଧରି ଖଣ୍ଡେ ବଳଦଗାଡ଼ି ବସ୍ ଷ୍ଟାଣ୍ଡକୁ ଆଗେଇଲା ।

—୨—

'ଉଷାଲୋକ' ପ୍ରେସ୍ ମେସିନ୍‌ର ଖଡ଼ ଖଡ଼ ଶବ୍ଦ କମଳ-ଲୋଚନଙ୍କ କୋଠରୀକୁ ମୁଖରିତ କରୁଛି । ଜ୍ୟୋତ୍ସ୍ନାର ସ୍ୱପ୍ନରେ କମଳ ମତ୍ତିଥିଲେ । ବିଭିନ୍ନ ଉପାୟ ସୃଷ୍ଟି କରି ଜ୍ୟୋତ୍ସ୍ନାର ହୃଦୟକୁ ଜିଣିବାରେ କମଳ ସର୍ବଦା ବ୍ୟସ୍ତ ରହି ମଧ୍ୟ ତାଙ୍କ ମନରେ ଶାନ୍ତି ନାହିଁ । ଧନର ମୋହ ତାଙ୍କ ଆଖିରେ ଇନ୍ଦ୍ରଜାଲ ସୃଷ୍ଟି କରିଛି । ତା ସଙ୍ଗେ ସଙ୍ଗେ ଜ୍ୟୋତ୍ସ୍ନାର ମନହରା ରୂପ ସମ୍ଭାର ମଧ୍ୟ । ପ୍ରେସ୍ ଅଫିସ ରୁମ୍‌ରେ ଖଣ୍ଡେ ଚୌକିରେ ବସିଛନ୍ତି କମଳ-ଲୋଚନ । ଚିନ୍ତା ଓ ଭାବନାରେ ମୁଣ୍ଡ ତାଙ୍କର ଯଥେଷ୍ଟ ଭାରି ବୋଧ ହେଉଛି ।

—ଶେଷ—

ଏ ଭିତରେ 'ଉଷାଲୋକ'ର ଗୋଟିଏ ସଂଖ୍ୟା ପ୍ରକାଶ ହୋଇ ପାରିନାହିଁ । ଜ୍ୟୋସ୍ନା ଚିନ୍ତାରେ ମତ୍ତଥିଲ କମଲଲୋଚନ ସବୁ ସମୟ ତାଙ୍କର ବିତାଉଛନ୍ତି କାଠଯୋଡ଼ୀ କୂଳ ଦ୍ୱିତଳ ପ୍ରାସାଦରେ । ଦିନ ପରେ ଦିନ ଗଡ଼ିଯାଉଛି । ପ୍ରେସର କାମ ଟିକିଏ ଶିଥିଳ ହୋଇ ଯାଉଛି । ପତ୍ରିକାର ଗୋଟିଏ ସଂଖ୍ୟା ବନ୍ଦ ହୋଇଯିବାରୁ ନାନା ସ୍ଥାନରୁ ବନ୍ଧୁ, ପାଠକ ପାଠିକା ପତ୍ର ପରେ ପତ୍ର ଲେଖି କମଲଙ୍କୁ ବ୍ୟସ୍ତ କରି ଦେଲେଣି । କମଲ ଭାରୁଭର । ଛୋଟ କୋଠରୀର ସେହି ଚୌକି ଉପରେ ବସି କମଲ ଚିନ୍ତା କରିବାରେ ଲାଗିଛନ୍ତି କିପରି ଆଗାମୀ ସଂଖ୍ୟାଟି ଯେ କୌଣସି ମତେ ପ୍ରକାଶ କରିବେ । ପୁଣି ପରକ୍ଷଣରେ ଜ୍ୟୋସ୍ନାର ଭାବନା ତାଙ୍କର ସବୁ ଯୋଜନା, ସବୁ ଚିନ୍ତାକୁ ପଣ୍ଡ କରି ଦେଉଛି । ଏପରି ବିଶୃଙ୍ଖଳା ଦେଖି ଦୂର ମଫସଲରେ ଥିବା ପ୍ରେସର ସତ୍ତ୍ୱାଧିକାରୀ, କମଲ ଉପରେ ଯେ ସମସ୍ତ ଆସ୍ଥା ସ୍ଥାପନ କରି ପ୍ରେସକୁ ଛାଡ଼ି ଦେଇଥିଲେ, ସେ ଏବେ ଟିକେ ବ୍ୟସ୍ତ ହୋଇ ପଡ଼ିଲେଣି । କମଲ ପ୍ରେସର ପରିଚାଳକ, ପତ୍ରିକାର ସଂପାଦକ । ଦୂର ମଫସଲରୁ ସତ୍ତ୍ୱାଧିକାରୀଙ୍କ ପୁଞ୍ଜିରେ କମଲ ନିଜର ସାହିତ୍ୟ ବାସନାକୁ ଚରିତାର୍ଥ କରୁଥିଲେ । ମାତ୍ର ସେ ଆଉ ପ୍ରତିଶ୍ରୁତି ରକ୍ଷାକରି ପାରୁ ନାହାନ୍ତି ।

କମଲ ଟିକିଏ ସ୍ୱସ୍ତିର ନିଶ୍ୱାସ ମାରିଲେ । ଡ୍ରୁ ସିଗାରେଟ୍ ଖଣ୍ଡେ କାଢ଼ି ଲଗାଇଲେ । ସିଗାରେଟ୍ ଧୂଆଁର କ୍ଷୁଦ୍ର କ୍ଷୁଦ୍ର କୁଣ୍ଡଳୀ ମଧ୍ୟରେ ସତେ ଯେପରି ତାଙ୍କର ଭାବନା ଗୋଟି ଗୋଟି ହୋଇ ମୁଣ୍ଡରୁ ବାହାରକୁ ବାହାରି ଯାଉଛି । କମଲଙ୍କ ସିଗାରେଟ୍‌ଟା କେତେବେଳେ ଶେଷ ହୋଇ ଯିବା ଉପରେ, ଦେ

ଜାଣି ପାରୁ ନାହାନ୍ତି । ଏତିକବେଳେ ଦେଖିଲେ ସମ୍ମୁଖ ପିଚ୍ ରାସ୍ତା ଉପରେ ତାଙ୍କର ବହୁଦିନତଳର ବନ୍ଧୁ ଦୟାନିଧି ଖୁବ୍ ତରତର ହୋଇ ଚାଲିଯାଉଛନ୍ତି । ଶେଷ ହୋଇଆସୁଥିବା ସିଗାରେଟ୍ ଖଣ୍ଡିକୁ ରାସ୍ତା ଉପରକୁ ପିଙ୍ଗି ଦେଇ କମଳ ବାରଣ୍ଡା ତଳକୁ ଓହ୍ଲାଇ ପଡ଼ିଲେ ।

"ନମସ୍କାର ଦୟାନିଧି ! ଚିହ୍ନି ପାରୁଛ ତ ?"

"ନମସ୍କାର ଭାଇ ! ମୁଁ କାହିଁକି ନ ଚିହ୍ନିବି ? ତୁ ଯେ ଚିହ୍ନିଲୁ, ଏ ମୋର ଭାଗ୍ୟ ।"

"କାହିଁ ? ମୁଁ କଣ ହୋଇ ଗଲିକି ?"

"ଆରେ ଭାଇ ତୁ ଆଜି କାଲି ଗୋଟାଏ ପତ୍ରିକାର ସମ୍ପାଦକ । କାହିଁ ଉପରେ ତୋର ସ୍ଥାନ ।"

"ହଉ ଭାଇ ଛାଡ଼ ସେ କଥା ଗୁଡ଼ାକ । ଆଜି କାଲି କଣ କରୁଛୁ କହିଲୁ ଦେଖି । ବହୁତ ଦିନ ହେଲା ଦେଖା ହୋଇ ନ ଥିଲା ।"

"ଆଉ କଣ କରିବି ? ନସ୍ମାସ୍ୟ କାନ୍ୟା ଗତିଃ । ଏଇ ଜଗତସିଂହ ପୁରରେ ମାଷ୍ଟ୍ରି ହୋଇଛନ୍ତି ।"

"ତେବେ ଖରାପ ଆଉ କଣ ? ଶିକ୍ଷାନୁଷ୍ଠାନ ଠାରୁ ପବିତ୍ର କ୍ଷେତ୍ର ଆଉ କଣ ଅଛି ? ହଉ ଚାଲ । ରାସ୍ତା ଉପରେ ଠିଆ ହେବା ଅସୁନ୍ଦର । ଚାଲ, ଘର ଭିତରକୁ ଯିବା ।"

କମଳ ଓ ଦୟାନିଧି ଘର ଭିତରକୁ ଗଲେ । ଦୟାନିଧିଙ୍କୁ କମଳ ପ୍ରେସର ସବୁ ବିଭାଗ ବୁଲାଇ ଦେଖାଇ ଆଣିଲେ । ତା ପରେ ଦୁହେଁ ଯାଇଁ ବସିଲେ ଅଫିସ ରୁମ୍‌ରେ ।

ସେପରେ ଚେଷ୍ଟାକୁ ଏ ହାତରୁ ସେ ହାତକୁ କରୁ [illegible]
ଦୟାନିଧି କହିଲେ—

"ଆରେ ବାହା ହେଲଣି ?"

"ବାହା ଆଉ ହେଲି କେଉଁ ଦିନ ? ଆମ ପରି ଦରିଦ୍ର ସାହିତ୍ୟିକଙ୍କୁ କେଉଁ ବୋକା ପିତା କନ୍ୟାଦାନ କରିବ ? ନିଜ ପେଟ ତ ପୋଷିବା ଅସମ୍ଭବ । ପରଘରୁ ଗୋଟାଏ ଆଣି ବେକରେ ବାନ୍ଧିବାରେ କେଉଁ ଲାଭ ?"

"ହଉ ଛାଡ଼ ସେ କଥା । ଗଳ୍ପ ସଂଖ୍ୟା 'ଜହ୍ନାଲୋକ' ବନ୍ଦ ହେଲା କାହିଁକି ? ଯଥେଷ୍ଟ ନାଁ ଅଳ୍ପଦିନ ଭିତରେ ହୋଇଥିଲା । ଏପରି ହଠାତ୍ ବନ୍ଦକଲ କାହିଁକି ?"

"କହନା ଭାଇ ଆଉ ସେ କଥା । ଶହ ଶହ ବନ୍ଧୁ ପାଠକ ପାଠିକାଙ୍କର ମୋତେ ସେହି ଗୋଟିଏ ପ୍ରଶ୍ନ । ମୁଁ ଏକା ରକମ ବୋକା ପାଲଟି ଗଲିଣି । ଆମ ଓଡ଼ିଶାରେ ପତ୍ରପତ୍ରିକା ପ୍ରତି ଲୋକଙ୍କ ଆଗ୍ରହ ସେଥିରେ ଯେକୌଣସି ପତ୍ରିକାର ଦଶା ଏଇଆ ହେବ । ପାଠକ ସଂଖ୍ୟା ବଢ଼ି ଥିଲେ ମଧ୍ୟ ଆଜି କାଲି ଗ୍ରାହକ ସଂଖ୍ୟା ବଢ଼ି ନ । ଅନିବାର୍ଯ୍ୟ କାରଣ ହେତୁ ପତ୍ରିକା ବନ୍ଦ ହୋଇଥିଲା । ତେବେ ଏଇ ମାସରେ ପୁଣି ପ୍ରକାଶ ପାଉଛି । ହଉ ଛାଡ଼ ସେ କଥା, ତୋ କଥା କଣ କହିଲ ।"

"ଆଉ ମୋ କଥା କଣ କହିବି । ଆସିଥିଲି ଗୋଟାଏ ଇଣ୍ଟର-ଭିଉରେ । ମାତ୍ର ଚାକିରି ଆଉ ପୋଷେଇବ ନାହିଁ ।

କମଳ ସଙ୍ଗେ ସଙ୍ଗେ ତାର ପ୍ରତିବାଦ କଲା । "

[illegible]

ବୋଧ ହୁଏ ଭୁଲ ବୁଝୁଛୁ । ମାଷ୍ଟ୍ର ଗୁଡ଼ାକର ପୋଷେଇବ ନାହିଁ ? ମଫସଲରେ କଣ ଟାଉନର ଏ ଖର୍ଚ୍ଚ ଅଛି ? ମୋ ମତରେ ମାଷ୍ଟ୍ର ହେବା ଭଲ ।"

"ଖର୍ଚ୍ଚ ଦିଗରୁ ତୁ ଯାହା କହୁଛୁ ସତ । ମାତ୍ର ସେକ୍ରେଟାରୀ ଓ ମ୍ୟାନେଜିଂ କମିଟିର ଦାଉ ଆଉ ସମ୍ଭାଳି ହେବ ନାହିଁ ।"

"ସବୁଠାରେ ସେହି ଦଶା ଦୟାନିଧି ।"

"ଉପରସ୍ଥ ବ୍ୟକ୍ତିର ତଳିଆଙ୍କ ଉପରେ ସବୁ ବେଳେ ହୋଡ଼ମାଡ଼ ।"

"ହଉ ଭାଇ ମୁଁ ଯାଉଛି । ଏଇ ପ୍ରକାଶକଙ୍କ ଅଫିସରେ ଟିକିଏ କାମ ଅଛି ।"

"ହଉ ଯାଅ ଭାଇ । ନମସ୍କାର । ପୁଣି କେବେ ଦେଖା ।"

କମଳ ଉଠି ଆସିଲେ ବାହାରକୁ । ଯେତେ ଚେଷ୍ଟା କଲେ ମଧ୍ୟ ସଂପାଦକୀୟ ଲେଖା ହୋଇ ପାରିଲା ନାହିଁ । ଏଇ ସମୟରେ କମଳ ଦେଖିଲେ ପ୍ରେସ ସାମନା ଡାକ୍ତର ଦୋକାନରେ ଗୋଳମାଳ । ଗୋଟାଏ ଲୋକ ଖୁବ୍ ପାଟିକରି ଗାଳୁଛି । ଡାକ୍ତରଙ୍କର ଔଷଧ କାମ ନ କରିବାରୁ ତାର ସ୍ତ୍ରୀର ବେଦନା ବଢ଼ିଛି । ତଥାପି ଡାକ୍ତର ତା' ଘରକୁ ଯିବାକୁ ନାରାଜ । ଆଗ ଭିଜିଟ୍ ଫି ନ ପାଇଲେ ସେ କଦାପି ଯିବେନାହିଁ । ଗରିବ ଲୋକ, ଭିଜିଟ୍ ଫି ପାଇବ କେଉଁଠୁ ? ତଥାପି ଘରେ ପହଞ୍ଚି ଭିଜିଟ୍ ଫି ଦେବ ବୋଲି କହୁଛି । ଡାକ୍ତର ତଥାପି ନିଜ ବାକ୍ୟରେ ଅଟଳ ।

—ଚକ୍ରଭରଣ —

ନିରୁପାୟ ହୋଇ ଲୋକଟି କେବଳ ଗଳା ଦେଇ ଦେଇ ଚାଲି ଯାଉଛି ।

କମଳଲୋଚନ ଦେଖିଲେ ଏ ଲୋକଟି ଆଜି କେଉଁଦିନୁଁ ଏ ହେଉଛି ଜ୍ୟୋତ୍ସ୍ନା ଦେବୀଙ୍କର ସୁରମ୍ୟ ଉଦ୍ୟାନର ରକ୍ଷକ ଉଦ୍ୟାନ ମଧ୍ୟରେ ସେ ଏହି ଲୋକଙ୍କୁ ବହେ ଦେଖିଥିଲେ । ଜ୍ୟୋତ୍ସ୍ନା ଦେବୀଙ୍କ ତ୍ରିତଳ ପ୍ରାସାଦକୁ ସୁରଭିତ କରିବାରେ ଏ ଲୋକର ଅଶେଷ ଦାନ ରହିଛି ।

କମଳ ଲୋକଟିକୁ ପାଖକୁ ଡାକିଲେ । ପ୍ରୌଢ଼ ଲୋକଟି ଦୋ-ଦୋ ଗେଢ଼ା ହୋଇ ବାବୁଙ୍କୁ ନମସ୍କାର କଲା । କମଳ-ଲୋଚନ ତା' ଠାରୁ ସବୁ ବୁଝିଲେ । ଘରର ଅବସ୍ଥା କଥା ମଧ୍ୟ ପଚାରିଲେ । ସବୁ ବୁଝି ଶେଷରେ ପାଞ୍ଚଟି ଟଙ୍କା ଦେଇ ତାକୁ ଡାକ୍ତରଙ୍କୁ ଡାକି ନେବାକୁ ଉପଦେଶ ଦେଲେ । ଲୋକଟି କୃତଜ୍ଞତା ଜଣାଇ ବାବୁଙ୍କୁ ନମସ୍କାର କଲା । କମଳ ସମର୍ପି-ମନରେ ଅଫିସ ଘରକୁ ପଶିଲେ । ଲେଖାରେ ତାଙ୍କର ମନ ତଥାପି ଧରିଲା ନାହିଁ । ଅଫିସ୍ ବନ୍ଦକରି ବାହାରିଲେ ବାହାରକୁ ।

କମଳଲୋଚନ ରାସ୍ତାର ଧାରେ ଧାରେ ଚ୍
ଏକାବେଳକେ ଅନ୍ୟମନସ୍କ । ରିକ୍ସା, ମଟର, ଘୋଡ଼ାଗାଡ଼ି ତାଙ୍କର ଡାହାଣ ପଟେ କ୍ଷିପ୍ର ବେଗରେ ଛୁଟିଛନ୍ତି । ବାସ୍ତବିକ, ... ଦୌଡ଼ । ଜୀବନସଂଗ୍ରାମରେ ପ୍ରତ୍ୟେକ ବ୍ୟକ୍ତିର ଦୌଡ଼

ଘୁଲିଛନ୍ତି । ଜଣେ ପଳାଉଛି, ଆଉ ଜଣେ ଗୋଡ଼ାଉଛି । ଏସବୁ ଦୌଡ଼ରେ ଆନନ୍ଦ ଅଛି । ଦୁଃଖ ମଧ୍ୟ ଅଛି । ତଥାପି ଆନନ୍ଦର ଆଶାରେ ସମସ୍ତଙ୍କର ଦୌଡ଼ ଆରମ୍ଭ ହୁଏ । ତେଣୁ କମଳ-ଲୋଚନ କିଛି ଭୁଲ କରନାହାନ୍ତି । ଜୀବନ ସଂଗ୍ରାମରେ ଜିଣିବାକୁ ହେଲେ ତାଙ୍କୁ ଆହୁରି ଦୌଡ଼ିବାକୁ ହେବ । ଅବସନ୍ନ ହୋଇ ଦୌଡ଼ ବନ୍ଦ କଲେ ଲକ୍ଷ୍ୟ ହଜିବାର ଭୟ ଅଛି ।

କମଳଲୋଚନଙ୍କର ସବୁ ନିଦ୍ରା ହଜିଗଲା, ଯେତେବେଳେ ସେ ନିଜକୁ ଆବିଷ୍କାର କଲେ ଯାଇ କ୍ୟାପିଟାଲ ସିନେମା ସମ୍ମୁଖରେ । ସେତେବେଳକୁ ସନ୍ଧ୍ୟା ସାଢ଼େ ପାଞ୍ଚଟା ପ୍ରାୟ ଲାଉଡ୍ ସ୍ପିକରରେ ଭାସି ଆସୁଥାଏ କୋକିଳକଣ୍ଠୀ ସିନେମାଷ୍ଟାରଙ୍କ ମନମତାଣିଆ ସଂଗୀତ । କମଳ ରାସ୍ତାକଡ଼ରେ ଠିଆହୋଇ ଖାଲି ଅନାଇ ରହିଲେ ସେହି ଲାଉଡ୍ସ୍ପିକର ଆଡ଼କୁ । ଲାଉଡ୍ ସ୍ପିକରର ସ୍ୱର ଉଚ୍ଚରୁ ଉଚ୍ଚତର ହେବାକୁ ଲାଗିଲା । ପାଖ ହୋଟେଲରୁ ଭାସିଆସିଲା ଆମଲେଟ୍‌ର ଗୋଟାଏ ମନୋରମ ଗନ୍ଧ । କମଳ ହୋଟେଲ ଆଡ଼କୁ ମୁହଁ ବୁଲାଇଲେ ।

— ୭ —

ଭୁବନେଶ୍ୱର ରେଲ ଷ୍ଟେସନର ଦ୍ୱିତୀୟଶ୍ରେଣୀ ମହିଳା ଅପେକ୍ଷାଗାର । ଆଜକୁ ପ୍ରାୟ ତିନିଦିନ ହେଲା ରତ୍ନମା ଓ ଜ୍ୟୋତ୍ସ୍ନା ଏଇଠି ବିଶ୍ରାମ ନେଇଛନ୍ତି । ଅନ୍ୟ ଉପାୟ ନାହିଁ । ଓଡ଼ିଶାସାରା ପ୍ରବଳ ଝଡ଼ ଓ ତୋଫାନ । ଘୂରିଅଡ଼େ ଘୁ ଘୁ ଗର୍ଜନ କରୁଛନ୍ତି । ଅବିଶ୍ରାନ୍ତ ମୂଷଳଧାରାରେ ବର୍ଷା ବର୍ଷୁଛି । ସାଙ୍ଗରେ ଯାହା କିଛି ଖାଦ୍ୟ ଥିଲା ସେ ପ୍ରାୟ ଶେଷ ହେବା ଉପରେ । ଜ୍ୟୋତ୍ସ୍ନା ମନରେ ଆଶଙ୍କା ଓ ଉଦ୍‌ବେଗ । ରେଲ ଗାଡ଼ି ଚଳ ବନ୍ଦ । ଟେଲିଫୋନ ଓ ସମସ୍ତ ଯୋଗାଯୋଗ ଛିନ୍ନ । ଓଡ଼ିଶାରେ କେଉଁଠି କଣରେ କଣ ଘଟୁଛି ତାହା ବୁଝିବା ଦୁଷ୍କର ।

/

ଜ୍ୟୋତ୍ସ୍ନା ବର୍ତ୍ତମାନ ସମ୍ପୂର୍ଣ୍ଣ ନିରୁପାୟ । ମଝିରେ ପଡ଼ି ସେ ଛଟପଟ ହେଉଛନ୍ତି । ଓଡ଼ିଶାର ଯେ କେତେ କ୍ଷତି ହେଲା ଏବଂ ଏହି କ୍ଷତି ଯେ କେତେ ଦିନରେ ପୂରଣ ହେବ ସେଇଆ ବସି ସେ ଚିନ୍ତା କରୁଛନ୍ତି । ଅପେକ୍ଷା ଗାରର ଟାଇଲ ଛାତ କଣା ହୋଇ

ଠାଏ ଠାଏ ପାଣି ଗଳିବାକୁ ଆରମ୍ଭ କଲାଣି । ଜ୍ୟୋତ୍ସ୍ନା ବଡ଼ ଅଧୈର୍ଯ୍ୟ ହେଲା । ତାର ଖିଆପିଆରେ ଆଉ ମନ ଲାଗିଲା ନାହିଁ । ଏଭଳି ଝଡ଼ ତୋଫାନରେ ବାପାଙ୍କ ଅବସ୍ଥା ଯେ କଅଣ ହେବଣି ସେଇ ଚିନ୍ତାରେ ଜ୍ୟୋତ୍ସ୍ନା ଏକାବେଳକେ ମଉଳି ଗଲାଣି । ଗୋପ ଜମାପଡ଼ାର କରୁଣ ଚିତ୍ର ତା' ସଙ୍ଗେ ସଙ୍ଗେ ଜ୍ୟୋତ୍ସ୍ନାର ମାନସପଟ୍ଟରେ ଖେଳିଗଲା । ଗୋଟି ଗୋଟି ହୋଇ ନିରନ୍ନ କାଙ୍ଗାଳଙ୍କର ହୃଦୟବିଦାରକ ଛବି ତାର ଆଖିଆଗରେ ନାଚିଗଲା । ଶହ ଶହ କଙ୍କାଳ ତା ମନଭିତରେ ଚିତ୍କାର କରି ଡେଇଁବାକୁ ଲାଗିଲେ । ଜ୍ୟୋତ୍ସ୍ନାର ମନ ଏକାବେଳକେ ଚୂରମାର ହୋଇଗଲା । ମନେହେଲା ସତେ ଯେପରି ତାର ପ୍ରାଣ ଆଉ ଟିକକ ପରେ ଚାଲିଯିବ । ରଜନୀ ଯେତେ ବୁଝାଇଲା ଜ୍ୟୋତ୍ସ୍ନା ବୁଝିଲା ନାହିଁ ।

ଠିକ୍ ଦୁଇଦିନ ପରେ ହଠାତ୍ ବର୍ଷାର ଧାର୍ ଟିକିଏ କମିଲା । ତଥାପି ଝୁପୁ ଝୁପୁ ବର୍ଷା ବନ୍ଦ ହେଲାନି । ଦିନେ ଦୁଇ ଦିନ୍ ଭିତରେ ରେଳ ଚଳାଚଳ ହେଲା । ତଥାପି ତାହା ପୂର୍ଣ୍ଣ-ଭାବରେ ନୁହେଁ । ଶହ ଶହ ଯାତ୍ରୀ ଷ୍ଟେସନରେ ଜମା । ଏତେ ଯାତ୍ରୀଙ୍କୁ ଗାଡ଼ିରେ ସ୍ଥାନ କାହିଁ ?

ଝଡ଼ ତୋଫାନରେ ଓଡ଼ିଶାର ଯାହା କ୍ଷତି ହେଲା ତାର ବିଶଦ ବିବରଣୀ ଖବରକାଗଜ ମାନଙ୍କରେ ବାହାରିଲା । ବଡ଼ କରୁଣ ସେ କାହାଣୀ । ଶହ ଶହ ସ୍ଥାନରେ ଘାଇ ଭାଙ୍ଗି ନଦୀ ଘର ଦ୍ୱାର ଭସାଇ ନେଲା । ଲୋକମାନେ ସପ୍ତାହ ସପ୍ତାହ ଧରି ଭୋକ ଉପାସରେ ଛଟପଟ ହେଲେ । ଘରର କୁଳବଧୂ ନଦୀବନ୍ଧରେ ଠିଆ ହେଲା । ଗାଈ ଗୋରୁ ଘର ଦ୍ୱାର ସବୁ ଭାସିଗଲା । ବହୁ

ଅଞ୍ଚଳରେ ଆଉ କୌଣସି ସତ୍ତା ରହିଲା ନାହିଁ । ପ୍ରକୃତିର ଏହି ବିପର୍ଯ୍ୟୟରେ ସମସ୍ତଙ୍କର ସାହସ ଭାଙ୍ଗି ପଡ଼ିଲା । ସମସ୍ତେ ଖାଲି ହା ହା କାର କଲେ । ନେତା, ସେବକ, ଦାମୀ, ଜ୍ଞାନୀ ସମସ୍ତଙ୍କର ବୁଦ୍ଧି ଏକାବେଳକେ ହଜିଗଲା ! ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଝଡ଼ ତୋଫାନର ଏହି ପଳୟଙ୍କରୀ ଲୀଳା ନାହିଁ ନ ଥିବା ଯାତନା ଆଣି ଦେଲା ।

ଯାହା ହେଉ ବହୁ କଷ୍ଟରେ ଜ୍ୟୋସ୍ନା ଯାଇ ପହଞ୍ଚିଲା କଟକରେ । ରାତି ସେତେବେଳକୁ ପ୍ରାୟ ଅର୍ଦ୍ଧ । କାଠଯୋଡ଼ୀ ଧୁ ଧୁ ଗର୍ଜୁଛି । କାଠଯୋଡ଼ୀ କୂଳରେ ପୋଲିସ ମୁତୟନ କରା-ଯାଇଛି ଭବିଷ୍ୟତ ଆଶଙ୍କାରେ । ଗୋଟିଏ ରିକ୍ସା କରି ଜ୍ୟୋସ୍ନା ଯାଇ ପହଞ୍ଚିଲା ନିଜ ବାସ ଭବନ ସମ୍ମୁଖରେ ।

ଜ୍ୟୋସ୍ନା ଦେଖିଲା ତା ଉଦ୍ୟାନର ସେ ପୂର୍ବ ଶୋଭା ଆଉ ନାହିଁ । ଝଡ଼ ତୋଫାନରେ ସବୁ ନଷ୍ଟ ହୋଇ ଯାଇଛି । ସବୁ ଲକ୍ଷ୍ମୀଛଡ଼ା ଦିଶୁଛି । ମନରେ ତାର କୋହ ଉଠିଲା । ଅଜଣା କେଉଁ ଆଶଙ୍କାରେ ତାର ମନ ଖାଲି ଜଳିଗଲା । ଦେଖିଲା ସାମନା ଗେଟ୍ ମେଲା ହୋଇଛି । ରତମା ପଛରେ, ଜ୍ୟୋସ୍ନା ଆଗରେ ଚାଲିଥାଏ । ଦ୍ୱିତଳ ପ୍ରାସାଦ ସବୁ ଶୁନଶାନ । ଖାଲି ଆସରେ କାଠଯୋଡ଼ୀର ସୁ ସୁ ଶବ୍ଦ ଓ ଅସଂଖ୍ୟ ଜଳଜୀବଙ୍କର କର୍କଶ ଚିତ୍କାର । ଜ୍ୟୋସ୍ନାକୁ ଖୁବ୍ ଡର ମାଡ଼ିଲା । ତାର ସନ୍ଦେହ ଅଙ୍କୁର ବଢ଼ିବାକୁ ଲାଗିଲା । କେଉଁଆଡ଼େ ହେଲେ ଆଲୋକର ସନ୍ଧନାହିଁ । ବିରାଟ ପ୍ରାସାଦ ଖାଲି ଖାଇ ଗୋଡ଼ାଉଛି ।

—ଅଣଗୁଳଣ—

କେବଳ ଉପର ମହଲାର ଗୋଟିଏ କୋଠରୀରୁ କ୍ଷୀଣ ଆଲୋକ ରେଖାଟିଏ ଦ୍ୱାର ଭେଦ ବାହାରକୁ ଆସୁଛି ।

ସମସ୍ତେ ନିଘୋଡ଼ ନିଦରେ ଅଭିଭୂତ । ରାତିଦିନ ଅନିଦ୍ରା ହୋଇ ହୋଇ ସମସ୍ତଙ୍କ ଆଖି ଫୁଲି ଗଲାଣି । ବୃଦ୍ଧ ନୀଳକଣ୍ଠଙ୍କର ରୋଗ ପୁଣି ଲେଉଟିଛି । ଝଡ଼ ତୋଫାନରେ ବୃଦ୍ଧ ଶରୀର ଭାଙ୍ଗି ପଡ଼ୁଛି । ପୁରୁଣା ରୋଗ ପୁଣି ଧରୁଛି ଝଡ଼ ତୋଫାନ ଯୋଗୁଁ । ଶୁଙ୍କର ଶୁଙ୍କରାଣୀ ସମସ୍ତେ ନିଦ୍ରିତ ତଳମହଲାରେ ।

ସଙ୍ଗେ ସଙ୍ଗେ ଜ୍ୟୋସ୍ନା ରଜନୀକୁ ସଙ୍ଗରେ ଧରି ଉପର ମହଲାକୁ ଉଠିଗଲା । ହଠାତ୍ ବାରଣ୍ଡା ଉପରକୁ ସେ ଝଙ୍କି ପକାଇ ଦେଲା । ଯାହା ଦେଖିଲା ସେଥିରେ ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲାନି । ହଠାତ୍ ଚମକି ପଡ଼ି ପଛକୁ ଘୁଞ୍ଚି ଆସିଲା । ଆଉଥରେ ଝଙ୍କି ପକାଇ ଜ୍ୟୋସ୍ନା ଭଲକରି ଦେଖିନେଲା । ରଜନୀ ମଧ୍ୟ ଏ ଦୃଶ୍ୟ ଦେଖି ଜିଭ କାମୁଡ଼ି ଦେଲାଣି ।

ଦିନରାତି ଅନିଦ୍ରା ହୋଇ ସମସ୍ତେ ଯିଏ ଯୁଆଡ଼େ ଶୋଇଛନ୍ତି । ବୃଦ୍ଧ ନୀଳକଣ୍ଠଙ୍କୁ ନିଦ ହେବା ପରେ କମଳ ଓ ହେମା ମଧ୍ୟ ଶୋଇ ପଡ଼ିଛନ୍ତି । ସେମାନେ କାହିଁକି ଜାଣିବେ ଯେ ଜ୍ୟୋସ୍ନା ଏ ଝଡ଼ ତୋଫାନକୁ ପାରି ହୋଇ ଏତେ ରାତିରେ ଆସି ପହଞ୍ଚିବ ବୋଲି ?

—ସ୍ଳିଶ—

ଜ୍ୟୋସ୍ନାର ଅନ୍ତର ତଳେ ଘୃଣା ଓ କ୍ରୋଧର ଅଗ୍ନି ଦ୍ଵୀ ହୋଇ ଉପରକୁ ଉଠିବାରେ ଲାଗିଲା । ଝଡ଼ର ଉଦ୍ଧ୍ଵ ଆଲୋକରେ କମଳ ଓ ଜ୍ୟୋସ୍ନାର ନିଦ ସଙ୍ଗେ ସଙ୍ଗେ ଭାଙ୍ଗିଗଲା । ଜ୍ୟୋସ୍ନା ସବୁ ବୁଝିଲା । ସଙ୍ଗେ ସଙ୍ଗେ ଦୁଆର ଫିଟାଇ ବାପାଙ୍କ ଶୋଇବା ଘରକୁ ପଶିଗଲା । ବାପା ସଙ୍ଗେ ସଙ୍ଗେ ପଲଙ୍କ ଉପରେ ଚମକିଲା ପରି ଉଠି ବସିଲେ ।

ଆନନ୍ଦରେ ତାଙ୍କର ଚକ୍ଷୁରୁ ଅଶ୍ରୁର ଧାର ବହିବାରେ ଲାଗିଲା । ଜ୍ୟୋସ୍ନା କାନ୍ଦ ପକାଇଲା । ରତନୀର ଆଖିରେ ମଧ୍ୟ ଲୁହ ରହିଲା ନା ।

କ୍ରନ୍ଦନର ସ୍ଵରରେ ସମସ୍ତଙ୍କର ନିଦ ଭାଙ୍ଗି ଗଲା । ସମସ୍ତେ ଯାଇ ଜ୍ୟୋସ୍ନା ନିକଟରେ ଉପସ୍ଥିତ ହେଲେ । ମାତ୍ର କମଳ ଓ ଜେମାର ଆଉ ସେଠି ଦେଖା ନାହିଁ । କମଳଙ୍କର ସବୁ ଆଶା ଆକାଂକ୍ଷା ଅଳ୍ପ ମୁହୂର୍ତ୍ତକରେ ଚୂରମାର ହୋଇଗଲା । ଶତ ଚେଷ୍ଟା ତାଙ୍କର ଆଜି ବ୍ୟର୍ଥ ହେଲା ।

କ୍ରମେ ରାତ୍ର ପାହି ସକାଳ ହେଲା । ରତନୀ ମୁହଁରେ ସକାଳକୁ ସବୁ କଥା କ୍ଷଣକରେ ପ୍ରକାଶ ପାଇଲା । ମାତ୍ର ଜେମା ଓ ଦାମାକୁ ସେ ଘରେ ଆଉ ଦେଖିବାକୁ ମିଳିଲା ନାହିଁ । କମଳ-ଲୋଚନଙ୍କର ଅନ୍ତର୍ଦ୍ଧାନ କଥା ମଧ୍ୟ ସମସ୍ତଙ୍କୁ ଅଗୋଚର ।

ଜ୍ୟୋସ୍ନା ସବୁ ବୁଝିଲା । ବୃଦ୍ଧ ନୀଳକଣ୍ଠ ଏହା ଶୁଣି ଅଣ୍ଡର୍ଯାମୀ ହେଲେ । ଜ୍ୟୋସ୍ନାର ହୃଦୟ କମଳ ବହ୍ନିରେ ବିଦ୍ରୋହୀ ହୋଇ

—ଏକତ୍ରିଂଶ—

ଉଠିଲା । ଘୃଣାରେ ତାର ହୃଦୟ ବିଦୀର୍ଣ୍ଣ ହେବାକୁ ଲାଗିଲା । ଛି, ଛି, କମଳବାବୁ ଏତେ ନୀଚ ! ଏହି ନୀଚ ମନୋଭାବ ନେଇ ସେ ତେବେ ଏଠାକୁ ଆସନ୍ତି ? ଯାହାହେଉ ଭଗବାନ ରକ୍ଷା କଲେ । ଜ୍ୟୋତ୍ସ୍ନା ଅସ୍ୱସ୍ତିର ନିଶ୍ୱାସ ମାରିଲା । ତଳେ ସଜଡ଼ିଥିବା ବହି ଗୁଡ଼ାକ ଆଲମିରାରେ ରଖୁ ରଖୁ କହିଲା, "ବାସ୍ତବିକ ଏ ମଣିଷ ଜାତିକୁ ବିଶ୍ୱାସ ନାହିଁ । ମନୁଷ୍ୟ ଏତେ ତଳକୁ ଯାଇ ପାରେ !"

7 JUL 1959

— ୮ —

ସକାଳ ସାତଟା । ଜ୍ୟୋତ୍ସ୍ନା ଖବର କାଗଜ ଉପରେ ଆଖି ବୁଲାଇ ନେଉଛି । ଖବର କାଗଜର ଯେଉଁ ପୃଷ୍ଠାରେ ଆଖି ବୁଲାଇ ନେଉଛି, ଦେଖୁଛି ଖାଲି ଦୁଃଖ, ଦୁର୍ଦ୍ଦଶା ଅଭାବ ଓ ଓ ଅସୁବିଧାର ଚିତ୍ର । ଝଡ଼ ବତାସ ଥମିଲେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ସମୁଦ୍ର ପରି ପାଣି ଜମି ରହିଛି । ଲୋକେ ବର୍ତ୍ତମାନ ଶୁଖା ବନ୍ଧ ଉପରେ କୁଡ଼ିଆ ବାନ୍ଧି ରହିଛନ୍ତି । ଖାଦ୍ୟାଭାବ ଯୋଗୁଁ ଚତୁର୍ଦ୍ଦିଗରେ ନାନା ପ୍ରକାର ରୋଗ ଆରମ୍ଭ ହୋଇଗଲାଣି । ଖବର କାଗଜ ଖାଲି ଏହି ଖବରରେ

ପୂର୍ଣ୍ଣ । ବାସ୍ତବକ୍ ଏହା ଖବର କାଗଜ ନୁହେଁ, ସାରା ଓଡ଼ିଶାର ଏକ ଜୀବନ୍ତ ଚିତ୍ର । ସାଇତି ରଖିଲେ ବଂଶର ପରପୁରୁଷଙ୍କ ପାଇଁ ଏହା ଏକ ଜ୍ୱଳନ୍ତ ଇତିହାସ ହୋଇପାରେ ।

ଜ୍ୟୋସ୍ନାର ଆଖିରେ ଆପେ ଆପେ ଲୁହ ଆସିଗଲା । ସେ ଆଜ ଖବର କାଗଜ ପଢ଼ି ପାରିଲା ନାହିଁ । ପାଖ ଘରେ ବାପା ବସି ଚା ଖାଉଛନ୍ତି । ଏ ଭିତରେ ମଦନା ତଳିଥିବା ଜଳଖିଆ ଆଣି ଫେରାଇ ନେଲାଣି । ଜ୍ୟୋସ୍ନାକୁ ଭୋକ ଶୋଷ କରୁନାହିଁ ।

ଆଜ ଟିକକ ପରେ ଡାକପିଅନ ଆସିଲା । ଲଫାପା ଖଣ୍ଡେ ଜ୍ୟୋସ୍ନା ହାତକୁ ବଢ଼ାଇ ଦେଲା । ତା ପରେ ସେ ଚାଲିଗଲା ତା ବାଟରେ ।

ଜ୍ୟୋସ୍ନା ଅତି ଉତ୍କଣ୍ଠାସହ ଲଫାପାଟିକୁ ଖୋଲିଲା । ନବୀନବାବୁ ଚିଠି ଦେଇଛନ୍ତି । ଜ୍ୟୋସ୍ନାର ମନରେ ଗୋଟାଏ ଦୁଃଖ ଆସିଲା ।

ବଂଶୀଧରପୁର

ଜ୍ୟୋସ୍ନା ଦେବୀ

ଆପଣଙ୍କ ବିଦାୟ ପରେ ଯେଉଁ ଖଣ୍ଡ ପ୍ରଳୟ ଘଟିଯାଇଛି ତାର ବର୍ଣ୍ଣନା ବା ମୁଁ ଆଜ କାହିଁକି କରିବ ? ବାସ୍ତବକ୍ ଦୁଃଖ ଦୁର୍ଦ୍ଦଶା ଯେତେବେଳେ ଆସେ ସେ ଏକାକୀ ଆସେନା ! ତାର ଶତ ଶତ ସହଚରଙ୍କୁ ନେଇ ଆସେ । ବର୍ତ୍ତମାନ ମୁଁ ଓ ମୋର ସହକର୍ମୀମାନଙ୍କ ମଧ୍ୟରୁ ଅଧିକାଂଶ ବଂଶୀଧରପୁରରେ । ଏଠା

ଲୋକଙ୍କ ଦୁଃଖ ଦେଖିଲେ ମନରେ କୋହ ଉଠେ । ସେବାକାର୍ଯ୍ୟ କୌଣସିମତେ ଚାଲିଛି । ଲୋକମାନଙ୍କ ନିକଟରେ ଏ ପର୍ଯ୍ୟନ୍ତ ସୁରୁପୁରୁ ସରକାରୀ ସାହାଯ୍ୟ ପହଞ୍ଚି ନାହିଁ । ଆପଣଙ୍କର ବାପା ଯଦି ବର୍ତ୍ତମାନ ଅସୁସ୍ଥ ଅଛନ୍ତି ତେବେ ଆପଣ ନ ଆସିବାକୁ ମୋର ଅନୁରୋଧ । ଭଲ ହେଲେ ଆସିବେ । ନିମାପଡ଼ାର ସେପରି କିଛି କ୍ଷତି ହୋଇନି । ସେଠାରେ କର୍ମୀ ତ ରହିଛନ୍ତି ।

ଆପଣଙ୍କ ଅନୁପସ୍ଥିତି ଆମେ ସମସ୍ତେ ଅନୁଭବ କରୁଛୁ । ଖାଲି ସ୍ଥାନ ପରିବର୍ତ୍ତନ ଯୋଗୁ ପତ୍ର ଦେଲି ।

ଆପଣଙ୍କର
ନବୀନ

ଚିଠି ପଢ଼ି ଜ୍ୟୋତ୍ସ୍ନା ଏକାବେଳେ ସ୍ତମ୍ଭୀଭୂତ । ହୃଦୟ ତାର ବିଦୀର୍ଣ୍ଣ ହେବାକୁ ଲାଗିଲା । କଂସାରପୁର-ପରି ଶତ ଶତ ଗାଁ ଗଣ୍ଡାର କାଲ୍ପନିକ ଚିତ୍ର ତାର ଆଖି ଆଗରେ ନାଚିଗଲା । ନବୀନବାବୁ ଓ ତାଙ୍କ ସହକର୍ମୀମାନଙ୍କ କଠିନ ପରିଶ୍ରମ ଓ ଶହ ଶହ କ୍ଷୁଧିତ ଚକ୍ଷୁର ଦୃଶ୍ୟ ତାର ମାନସପଟ୍ଟରେ ଭାସିଗଲା । ଚତୁର୍ଦ୍ଦିଗ ନିସ୍ତବ୍ଧ ଓ ଗମ୍ଭୀର ମନେ ହେଲା । ସେହି ଗମ୍ଭୀରତା ମଧ୍ୟରେ ଗୋଟିଏ ବଜ୍ର ଡାକ କାନରେ ଆସି ବାଜିଲା ପରି ମନେ ହେଲା, 'ମା ରକ୍ଷାକର ।'

ଜନମଙ୍ଗଳ ସ୍ତମ୍ଭ ଗଢ଼ିବା ଆଜ କାହାକୁ ନେଇ ? କେତେ ଜଣ ନିରନ୍ନ କଙ୍କାଳଙ୍କୁ ନେଇ ? ବରଂ ତା ଅପେକ୍ଷା ପ୍ରତି ଗ୍ରାମର ପ୍ରତି ଦ୍ୱାରରେ 'ଜନମଙ୍ଗଳସ୍ତମ୍ଭ' ବୋଲି ଗୋଟିଏ ଗୋଟିଏ ସାଇନ୍‌ବୋର୍ଡ଼ ମାରିଦେବା ଭଲ । ସ୍ତମ୍ଭ କାହାକୁ ନେଇ ? ମଣିଷ ପୁଣି ବଞ୍ଚିଲେ ତ ?

—ଚଉଗଳଣ—

ଜ୍ୟୋସ୍ନା ମନ ବିଦ୍ରୋହୀ ହୋଇ ଉଠିଲା । ଯେଉଁମାନେ ଆଜି ଆନନ୍ଦରେ ବସି ଦିବ୍ୟଅନ୍ନ ଭୁଞ୍ଜୁଛନ୍ତି, ସେମାନଙ୍କୁ ଜ୍ୟୋସ୍ନା ମନେ ମନେ ଅଭିଶାପ ଦେଲା । ମନେ ମନେ ଭାବିଲା ବାସ୍ତବିକ ମନୁଷ୍ୟ ସଭ୍ୟ ହୋଇ ନାହିଁ, ସଭ୍ୟତାର ପ୍ରଥମ ଦିନର ସେଇ ଅସଭ୍ୟ, ସେଇ ବର୍ବର ମନୁଷ୍ୟର ଆଜି ସୁଦ୍ଧା ପରିବର୍ତ୍ତନ ହୋଇ ନାହିଁ ।

ଗୋପ, କମାପଡ଼ାର କରୁଣ ଶବ୍ଦ ଏପର୍ଯ୍ୟନ୍ତ ଜ୍ୟୋସ୍ନା ମନରୁ ଲିଭି ନାହିଁ । ସାରା ଜୀବନରେ ମଧ୍ୟ ଲିଭିବ ନାହିଁ । ସେ ଶବ୍ଦ ଅମର । କବିର ଲେଖନୀରେ ତାହା ରୂପ ପାଇବା ଅସମ୍ଭବ । ଶିଳ୍ପୀ ତାର ତୂଳୀରେ ତାହା ରୂପ ଦେବାକୁ ଅକ୍ଷମ । ଜ୍ୟୋସ୍ନା ଆଉ ବେଶୀ କିଛି ଭାବି ପାରିଲା ନାହିଁ । ଦୁଆରଟା ବନ୍ଦ କରି ବାପାଙ୍କ ନିକଟକୁ ଚାଲିଗଲା । ଦୁଆର ବନ୍ଦ ହେବା ଶବ୍ଦ ଶୁଣି ମଦନା ଚମକି ପଡ଼ି ବାହାରକୁ ବାହାରି ଆସିଲା ।

ନବୀନ ବାବୁଙ୍କ ଚିଠିଟି ସେହିପରି ହାତରେ ଅଛି । ଜ୍ୟୋସ୍ନା ଚିଠିଟିକୁ ବାପାଙ୍କୁ ଦେଖାଇଲା । ବାପା ସବୁ ବୁଝିଲେ । ଜ୍ୟୋସ୍ନାକୁ ଆଉ ବେଶୀ କିଛି କହିବାକୁ ପଡ଼ିଲା ନାହିଁ । ନୀଳକଣ୍ଠ ବାବୁଙ୍କ ଆଖିରେ ଲୁହ ଟଳ୍ ଟଳ୍ କଲା । ଜ୍ୟୋସ୍ନା ପଣତ କାନିରେ ବାପାଙ୍କ ଲୁହ ପୋଛି ଦେଲା ।

ତାପରେ ନୀଳକଣ୍ଠ ବାବୁ କୋହ ସମ୍ବରଣ କରି କହିଲେ, ଜ୍ୟୋସ୍ନା ତୁ ମୋର ସବୁ । ଶେଷରେ କ'ଣ ଲୋକ ନିନ୍ଦାକୁ ମଣାଠ ନମାନଠ ମରିବାକୁ ହେବ ? ତୁ ତ ଅବୁଝା ପିଲା ନୁହଁ ?

—ଓଂଶ୍ରୀଲଣ—

ତୋ' ଘରସଂସାର କଥା ତୋତେ ଲାଗିଲେ ମୁଁ ନିଶ୍ଚିନ୍ତରେ ମରନ୍ତି । ମୁଁ ବା ଆଉ କେତେ କାଳ ରହିବି ? ମୁଁ କ'ଣ ତୋତେ ମନା କରୁଛି ? ଜନତାର ସେବା ସବୁଠାରୁ ଶ୍ରେଷ୍ଠ । ମୁଁ କ'ଣ ତାହା କରିବାକୁ ତୋତେ ବାରଣ କରିବି ?

ଜ୍ୟୋତ୍ସ୍ନା ସେଠିପର ଠିଆ ହୋଇଥାଏ । ଘରର ଶୁଭଙ୍କର ଶୁଭଙ୍କସଣୀ ମୁହଁଯୋଡ଼ି ଠିଆ ହୋଇଥାନ୍ତି । ବାପାଙ୍କ ଆଖିରେ ଲୁହ ଦେଖି ଜ୍ୟୋତ୍ସ୍ନାର କୋହ ଉଠିଲା । ଏତେ ଗେହ୍ଲାରେ ବଢ଼ାଇ କୁଢ଼ାଇ ଯେ ତାକୁ ମଣିଷ କଲେ ତାଙ୍କୁ ସେ ଦେଲା କ'ଣ ? ତେବେ ଏଇ ସାମାନ୍ୟ କଥାପାଇଁ ବାପାଙ୍କ ମନରେ ଚିନ୍ତା ? ବାପାଙ୍କ ଆଖିର ଲୁହ ସଂଗେ ତାକୁ ଆଜ ଶତ ଶତ ଆଖିର ଲୁହ ଦିଶିଗଲା । ତା ପରେ ସେ ଟିକିଏ ଆହତ ଗଳାରେ କହିଲା, "ବାପା ଏଇଥି ପାଇଁ ଏତେ ଚିନ୍ତା ? ଆପଣଙ୍କର ସନ୍ତୋଷ ନିମନ୍ତେ ମୁଁ ସବୁ କିଛି କରିପାରେ ବାପା । ତେବେ ଓଡ଼ିଶାର ଏ ଦୁର୍ଦ୍ଦିନରେ ମୋର ମାନବିକତାର ବିକାଶ ଲାଗି ସୁବିଧା ଦିଅ ବାପା । ମୁଁ ଯାଉଛି ବାପା, ଆଜ ଯାଉଛି । ମୋତେ କ୍ଷମା କରନ୍ତୁ ।"

ଶୁଭଙ୍କର ଶୁଭଙ୍କସଣୀ ସମସ୍ତେ ଅବାକ୍ । ଯେଉଁ ଝିଅ ଏତେ ଶିକ୍ଷିତ ଓ ଏତେ ବଇରେ ସେମାନେ ବା ତାଙ୍କୁ କ'ଣ କହିବେ ? ମଦନା କିଛି କହିବାକୁ ଯାଉଥିଲା । ମାତ୍ର ସରମା ଶୁଭଙ୍କସଣୀ ତାକୁ ପଛରୁ ଚିମୁଟି ଦେବାରୁ ସେ ରହିଗଲା ।

ମାଲକଣ୍ଠ ବାବୁ ମନେ ମନେ ଖୁବ୍ ଆନନ୍ଦିତ ହେଲେ । ଜ୍ୟୋତ୍ସ୍ନାକୁ ଛଂଙ୍କାରପୁରରେ ଛାଡ଼ିଦେଇ ଆସିବାକୁ ମଦନାକୁ

—ଛପ୍ପାଲଙ୍କ—

ନିର୍ଦ୍ଦେଶ ଦେଲେ । ନୀଳକଣ୍ଠ ବାବୁ ଜ୍ୟୋତ୍ସ୍ନାର ହୃଦୟ ବେଶ୍ ବୁଝି ପାରିଲେ । ଜ୍ୟୋତ୍ସ୍ନା ବାପାଙ୍କ ପାଦତଳେ ମୁଣ୍ଡିଆ ମାରିଲା । ନୀଳକଣ୍ଠ ବାବୁ ଆଶୀର୍ବାଦ କରି କହିଲେ, "ମା ଜୟଶ୍ରୀ ହୁଅ ।"

ମଦନା ଓ ଜ୍ୟୋତ୍ସ୍ନା ଦୁଇଟି ରିକ୍ସାରେ ଷ୍ଟେସନକୁ ଚାଲିଲେ । ସରମା ଦୀର୍ଘ ନିଶ୍ୱାସଟିଏ ପକାଇ ଗେଟ୍ ବନ୍ଦ କଲା ।

[illegible library stamp]

— ୯ —

ଅସନ୍ତରି ଗମ୍ଭୀର ବିଲ । ସେଥିରେ ପୁଣି ପାଣି କେଉଁଠାରେ ଅଣ୍ଟିଏ ହେଲେ କେଉଁଠାରେ ଅଣ୍ଟାଏ । ଯେଉଁଆଡ଼େ ଚାହିଁବ ଖାଲି ପାଣି । ସମ୍ବ୍ରାଧାଟ ବିଲପଦର ସବୁ ପାଣିତଳେ । କୁଆଡ଼େ ବାଟ କିଛି ବାରି ହେଉନାହିଁ ।

ହରଦାସ ପୁରରେ ଓହ୍ଲାଇ ମଦନା ଓ ଜ୍ୟୋତ୍ସ୍ନା ଚାଲିଲନ୍ତି । ମଦନା ଏଇ ଆଖପାଖର ଲୋକ ବୋଲି ରକ୍ଷା ହେଲା । ନଚେତ୍ ଜ୍ୟୋତ୍ସ୍ନାର ଅବସ୍ଥା ଯେ କଅଣ ହୋଇଥାନ୍ତା ତାହା କହିବା ମୁସ୍କିଲ ।

—ଯବନିକା—

ଅଦମ୍ୟ ଉତ୍ସାହରେ ଦୁଇଜଣ ଗ୍ଲୁଲଛନ୍ତି । ଜ୍ୟୋତ୍ସ୍ନାଙ୍କୁ ଗ୍ୱହିଁ ମଦନା ଥରେ ଥରେ ରହି ଯାଉଛି ଏବଂ ମନେ ମନେ ଭାବୁଛି—କି ପାଗଳାମି ଧରିଛି ଏ ପିଲାକୁ ! ଏତେ ସମ୍ପତ୍ତି ଥାଇ ଏ କି କଥା । ମଦନା ଆଉ କିଛି ଭାବି ପାରେନା । ଗ୍ୱକର ଲୋକ । ତାର ଏତେ କଥାରେ କି କାମ ? ନିଜ କର୍ତ୍ତବ୍ୟ କଲେ ଗଲା ।

ଦୀର୍ଘ ବାରମାଇଲ ରାସ୍ତା । ସେଥିରେ ପୁଣି ଏ ଧାଣିରେ ବାରମାଇଲ ଯେ ପ୍ରକୃତରେ କେତେ ମାଇଲ ହେବ ତାହା କିଏ କହିବ ? ବାଟ ଯଦି ମଦନା ଭୁଲିଯାଏ, ତେବେ ଗମ୍ଭୀରସାଗ୍ର ବୃଥା ବୁଲିବାହିଁ ସାର ହେବ । ଜ୍ୟୋତ୍ସ୍ନା ସେଇ କଥା ଭାବୁଥାଏ । ମଝିରେ ମଝିରେ ମଦନାକୁ ପଗ୍ୱରୁଥାଏ । "ମଦନା ଆଉ କେତେବାଟ ? ବାଟ ଠିକ୍ ଧରିଛୁ କି ନା ?"

ମଦନା କହେ, "ଭୟ ନାହିଁ ମା । ତମେ ଗ୍ଲୁଲ ।"

ବେଳ ପ୍ରାୟ ଗ୍ଲଇ ଲେଉଟା । ଜ୍ୟୋତ୍ସ୍ନା ଓ ମଦନାର ଆଣ୍ଠୁଯାଏ ସବୁ ଗେଣ୍ଡା ପଡ଼ିଗଲାଣି । ଜ୍ୟୋତ୍ସ୍ନାର ମୁହଁ ନାଲି ପଡ଼ିଗଲାଣି । ଏତିକବେଳେ ମଦନା କହିଲା, "ହେଇଟି ମା, ଗାଁ ଆଉ ଅଳ୍ପବାଟ ଅଛି । ଥାନା ଘର ଗ୍ୱଲ ଦିଶିଲାଣି । ଜ୍ୟୋତ୍ସ୍ନା ଗ୍ଲୁତରେ ଜୀବନ ପଶିଲା । ସେ ପ୍ରସନ୍ନ ହୋଇ ଉଠିଲା । ଦେଖିଲା ଗାଁର ବଭିନ୍ନ ଅଂଶ ତାକୁ ଅସ୍ତେ ଅସ୍ତେ ଦିଶିଲାଣି । ଆନନ୍ଦ ତାର କହିଲେ ନ ସରେ ।

ବଢ଼ି କେତେ ଦିନୁ ଗ୍ଲଡ଼ିଲାଣି । ତଥାପି ପାଣି ଗ୍ଲଡ଼ିନାହିଁ । ଲୋକମାନଙ୍କର ଦୁର୍ଦ୍ଦଶା ଘୁଞ୍ଚିନାହିଁ । ଗାଁ ଆଉ ଅଳ୍ପବାଟ ଅଛି ।

—ଅଠଗ୍ଲଳ—

ବାଟରେ ଗୋଟାଏ ପୋଖରୀ ପଡ଼ିଲା । ସେ ଖରୀ ହୁଡ଼ାରେ ଗୋଟାଏ
ଲମ୍ବା ଖଜୁରୀ ଗଛ । ଗଛର ତିନିଭାଗ ଯାଏଁ କୁଠା ଓ ପାଣିର
ଫେଣ ଶୁଖିକରି ଲାଗିଛି । ଜ୍ୟୋତ୍ସ୍ନା ସହଜରେ ବୁଝିଗଲା । ବନ୍ୟାପାଣି
ତେବେ ଏତିକି ଉଚ୍ଚରେ ଗଲାଥିଲା । ଖବର କାଗଜ କଥା ଏବେ
ସେ ଯେତେବେଳେ ଆଖିରେ ଦେଖିଲା ତାର ହୃଦୟ ଧାର ଧାର
ହୋଇ କାଟି ହୋଇଗଲା ।

ଖାଲି ସେତିକି ନୁହେଁ । ଜ୍ୟୋତ୍ସ୍ନା ଦେଖିଲା ଏଇଠି ମଧ୍ୟ
ବିଲୁଆ କୁକୁରଙ୍କ ଭୋଜି ଚାଲିଛି । ମୁଣ୍ଡ ଉପରେ ଶହ ଶହ ଶାଗୁଣା
ଚକ୍କ ଦେଇ ଉଡ଼ୁଛନ୍ତି । କି ବିକଟାଳ ଶବ୍ଦ ତାଙ୍କର ! ଭୟରେ
ଜ୍ୟୋତ୍ସ୍ନାର ଦେହ ଶୀତେଇ ଉଠିଲା । ଖଜୁରୀ ଗଛର ଟିକିଏ ତଳକୁ
ସ୍ତ୍ରୀ ଲୋକଟାଏ ମରିକରି ପଡ଼ିଛି । ବିଲୁଆ ଶାଗୁଣାଙ୍କ ମଧ୍ୟରେ
ଖୁବ୍ ଗୋଟାଏ କଳି ଲାଗିଛି । କି ବିକଟାଳ ସେ ମୂର୍ତ୍ତି ! ଏଇ
କେତେଦିନ ତଳେ ଯେ ହୋଇଥିଲା ଅମୃତର ଆଧାର, ତାର ପୁଣି
ଏ ଅବସ୍ଥା ! ଜ୍ୟୋତ୍ସ୍ନାର ଆଖି ତଳେ ଲୁହ ଝରି ଆସିଲା ।
ଜ୍ୟୋତ୍ସ୍ନା ଭାବିଲା, ବଢ଼ିରେ ତ ମଣିଷ ମରେ, ବଢ଼ିପରେ ବି
ମଣିଷକୁ ପୁଣି ଏ ଅବସ୍ଥା ଭୋଗିବାକୁ ପଡ଼େ । ବାସ୍ତବିକ୍ ମାନବ
ଜାତିକୁ କେବେହେଲେ ରକ୍ଷା ନାହିଁ ।

ପ୍ରାୟ ଗାଁ ଆସି ପାଖେଇ ଗଲା । ଗାଁରେ ସେପରି କିଛି
କୋଳାହଳ ନାହିଁ । ସବୁଆଡ଼ ଖାଲି ଶ୍ରୀହୀନ । ଖାଇ ଖାଇ
ଗୋଡ଼ାଉଛି । ଯାହା ହେଉ ଗାଁ ଦେଖି ଜ୍ୟୋତ୍ସ୍ନା ମନରେ ଦମ୍ଭ
ଆସିଲା । ତାର ପାଦ ଚଞ୍ଚଳ ହେଲା ।

ଜ୍ୟୋତ୍ସ୍ନା ଦେଖିଲା ଚାରିଆଡ଼ ଖାଲି ମାଟିସ୍ତୂପ । କାହିଁ
କେଉଁଠି ଖଣ୍ଡେ ଖଣ୍ଡେ ଛାମୁଣ୍ଡିଆ ଘର ମୁଣ୍ଡ ଟେକିଛି । ହରିଜନ

— ଅଣଲୁଣ —

ସାହୁର ସତ୍ତା ନାହିଁ । ଗାଁ ମଝିରେ ଭାଗବତଘର । କୁଣ୍ଠା ମାଟିର ଗୋଟାଏ ଗଦା ହୋଇ ପଡ଼ିଛି । ବଡ଼ି ଭଗବତ ଦେବଙ୍କୁ ମଧ୍ୟ ମାନ ନାହିଁ । ଯାହା ଆଗରେ ଗାଁର ଶତ ଶତ ଧର୍ମା ମାମା ନତ ମୂଣ୍ଡ ନୋଇଁ ଯାଉଥିଲେ ସେ ମଧ୍ୟ ବଢ଼ି ସମୟରେ ତାର ମହିମା ହରାଇଛି ।

ଜ୍ୟୋସ୍ନା ଓ ମଦନା ଗାଁ ଭିତରେ ବୁଲୁଥାନ୍ତି । ମାଇପେ ସବୁ ଝାଟିବାଡ଼ କଣରୁ ଜ୍ୟୋସ୍ନାକୁ ଦେଖି ଆଶ୍ଚର୍ଯ୍ୟ ହେଲେଣି । କଏ କେତେ କଥା ଅନୁମାନ କରି ଗଲେଣି । ଜ୍ୟୋସ୍ନା ଦେଖିଲା ଗାଁ ସେମୁଣ୍ଡ କଇଁଆ ଗଛମୂଳେ ଗୋଟାଏ ବଡ଼ ଘୁମୁଣ୍ଡିଆ ହୋଇଛି । ସେଠି ଗୁହାଏ ଲୋକ ଜମା ହୋଇଛନ୍ତି । ଜ୍ୟୋସ୍ନା ଓ ମଦନାର ପାଦ ଖୁବ୍ ଚଞ୍ଚଳ ହେବାକୁ ଲାଗିଲା । ଜ୍ୟୋସ୍ନା ଅନୁମାନ କଲା ସେଇ ବୋଧହୁଏ ସେବାସଂଘ ଅଫିସ ।

ଜ୍ୟୋସ୍ନା ହଠାତ୍ ଯାଇ ଘୁମୁଣ୍ଡିଆ ପାଖରେ ପହଞ୍ଚିଲା । ନବୀନ ଓ ତାଙ୍କ ସହକର୍ମୀମାନେ ସଙ୍ଗେ ସଙ୍ଗେ ଆନନ୍ଦରେ ଜ୍ୟୋସ୍ନାକୁ ପାଛୋଟି ନେଲେ । ଆନନ୍ଦ ଓ ଉନ୍ମାଦନା କର୍ମୀମାନଙ୍କ ମନରେ ଖେଳି ଗଲା । ଗାଁ ଲୋକ ଅବାକ୍ । ସେଥିକିରେ ନବୀନଙ୍କର ଗାଁ ଲୋକଙ୍କୁ ବୁଝାଇବା ବନ୍ଦ ହେଲା । ଖଜୁରୀ ପଟି ଖଣ୍ଡିକରେ ଜ୍ୟୋସ୍ନା ବସିପଡ଼ିଲା । ମୁହଁରେ ତାର ଅପୂର୍ବ ଆନନ୍ଦ । ଗାଁ ଲୋକେ କ୍ଷଣକରେ ସବୁ ବୁଝିଗଲେ । ଜ୍ୟୋସ୍ନାର ବିଶ୍ରାମ ନିମନ୍ତେ ସଙ୍ଗେ ସଙ୍ଗେ ସବୁ ଲୋକ ନିଜ ନିଜର ଘରକୁ ବାହୁଡ଼ି ଗଲେ । ନବୀନବାବୁ ଓ କର୍ମୀମାନଙ୍କର ଆନନ୍ଦ କହିଲେ ନ ସରେ । ଜ୍ୟୋସ୍ନା ଯେପରି ସମସ୍ତ କର୍ମପ୍ରେରଣା ଘେନି ସେମାନଙ୍କ ନିକଟକୁ ଚାଲି ଆସିଛି ।

—ପନ୍ଦର—

ସେଦିନ ରାତି ପାହିଲା । ମଦନା ଜ୍ୟୋତ୍ସ୍ନା ଠାରୁ ବିଦାୟ ନେଇ କଟକ ଫେରିଲା । ଜ୍ୟୋତ୍ସ୍ନାର ମନ ଖୁବ୍ ଅଥୟ ହେଲା, ଗାଁ ଗଣ୍ଡା ବୁଲି ଲୋକଙ୍କର ପ୍ରକୃତ ଅବସ୍ଥା ଆଖିରେ ଦେଖିବା ନିମନ୍ତେ ତାର ଭାରି ଇଚ୍ଛା ହେଲା । ସେ ନବୀନ ବାବୁଙ୍କ ଭବିଷ୍ୟତ କର୍ମ ଯୋଜନା ଜାଣିବାକୁ ଚାହିଁଲା । ସଙ୍ଗେ ସଙ୍ଗେ ନବୀନ ବାବୁ ଭବିଷ୍ୟତ କର୍ମଯୋଜନା ଟିକ୍-ନଖି-ଭାବେ ବୁଝାଇ ଦେଲେ । ତା ପରେ ଜ୍ୟୋତ୍ସ୍ନା କର୍ମୀମାନଙ୍କୁ ଅନାଇ କହିଲା, "ତେବେ ଚାଲନ୍ତୁ । ଆଉ ଡେରି କାହିଁକି ? ମୋ ଅନୁପସ୍ଥିତିରେ ଆପଣ ଯେ ଏଠାରେ ଆସି ଏତେ କାମ କଲେଣି ସେଥିପାଇଁ ମୁଁ କୃତଜ୍ଞ ।"

ନବୀନ ବାବୁ କହିଲେ—"ଆପଣ ତ ଯିବେ । ତେବେ ଏତେ ଚଞ୍ଚଳ କାହିଁକି ? ଆପଣଙ୍କର ଆଉ ଦିନେ ଦୁଇ ଦିନ ବିଶ୍ରାମ ଦରକାର । ବର୍ତ୍ତମାନ ଆମ ସଙ୍ଗରେ ଯାଇ ସେବାକାର୍ଯ୍ୟ କରିବା ଆପଣଙ୍କର ଅନୁଚିତ ।"

ଜ୍ୟୋତ୍ସ୍ନାର କିନ୍ତୁ ଆଉ ଧୈର୍ଯ୍ୟ ନାହିଁ । ସେ ଆଉ ବେଶୀ କିଛି କହି ପାରିଲା ନାହିଁ । ସଙ୍ଗେ ସଙ୍ଗେ କଟକରୁ ନେଇ ଥିବା ଔଷଧବ୍ୟାଗଟିକୁ ହାତରେ ଧରି ଠିଆ ହୋଇ କହିଲା, "ଦେଖନ୍ତୁ ନବୀନ ବାବୁ ମୋର ଯଥେଷ୍ଟ ବିଶ୍ରାମ ହେଲାଣି । ମୋ ପାଇଁ ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ । ଚାଲନ୍ତୁ ଶୀଘ୍ର ।"

ସମସ୍ତେ ଚାଲିଲେ । କିଏ କେଉଁ ଗାଁକୁ । ନବୀନ ବାବୁ ସାଙ୍ଗରେ ଜ୍ୟୋତ୍ସ୍ନାକୁ ନେଲେ ଗ୍ରାମମାନଙ୍କ ସହ ପ୍ରାଥମିକ ପରିଚୟ କରାଇ ଦେବାକୁ । ଲୋକମାନେ ଜ୍ୟୋତ୍ସ୍ନା ପରି ସୁନ୍ଦରୀ ଯୁବତୀକୁ ଦେଖି ଆଶ୍ଚର୍ଯ୍ୟ ହେଲେ । ସଙ୍ଗେ ସଙ୍ଗେ ଜ୍ୟୋତ୍ସ୍ନା

ସେବାକାର୍ଯ୍ୟ ଆରମ୍ଭ କରିଦେଲା । ବଢ଼ି ପରେ ଘର କଣରେ ପଡ଼ିଥିବା ଶହ ଶହ ରୋଗୀଙ୍କର ବିକଳ କାନ୍ଦଣା ଦେଖି ଜ୍ୟୋତ୍ସ୍ନା ଆଖିରେ ଆଉ ଲୁହ ରହିଲା ନାହିଁ । ସେ ପିଲାଟି ପରି କହିଁ କହିଁ ହୋଇ କାନ୍ଦ ଉଠିଲା । ନବୀନ ବାବୁ ଅନ୍ୟ ଏକ କାର୍ଯ୍ୟରେ ଆଉ ଗୋଟିଏ ଗାଁକୁ ଗଲେ । ଜ୍ୟୋତ୍ସ୍ନା ଲୋକଙ୍କ ଭିତରେ ଔଷଧ ବିତରଣ କରିବାକୁ ଲାଗିଲା । ଜ୍ୟୋତ୍ସ୍ନାର କୋମଳ ବାକ୍ୟରେ ଗ୍ରାମବାସୀ ମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେମାନଙ୍କ ମନରେ ନୂତନ ଆଶାର ସଞ୍ଚାର ହେଲା ।

× × × ×

ରାତି ପ୍ରାୟ ୯ଟା । ନବୀନ ଆସନ୍ତାକାଲି ପାଇଁ କେଉଁ କର୍ମୀ ଗାଁକୁ ଯିବେ ତାର ତାଲିକା କରୁଛନ୍ତି । ଜ୍ୟୋତ୍ସ୍ନା ଦିନ ସାରା ଗାଁ ଗଣ୍ଡା ବୁଲି ବୁଲି ହାଲିଆ ଲାଗିବାରୁ ଖଟିଆ ଉପରେ ଟିକେ ପଡ଼ିଯାଇଛି । କର୍ମୀବୃନ୍ଦ କଏ କୁଆଡ଼େ ଶୋଇଲେଣି । ଏତିକି ବେଳେ ନବୀନ ବାବୁ ଜ୍ୟୋତ୍ସ୍ନାକୁ ଡାକିଲେ । ଜ୍ୟୋତ୍ସ୍ନା ଖଟିଆ ଉପରୁ ଉଠି ଆସି ନବୀନ ବାବୁଙ୍କ ପାଖରେ ଖଜୁରି ପଟିଣା ଉପରେ ବସିଲା । ତା ପରେ ନବୀନ ବାବୁ ଆରମ୍ଭ କଲେ—"ଅଚ୍ଛା ଜ୍ୟୋତ୍ସ୍ନା ! ଦେଖ, ବନ୍ୟାଗ୍ରସ୍ତ ଗାଁଗଣ୍ଡାରେ ଏ ଯେଉଁ ସରକାରୀ ସାହାଯ୍ୟ ଆସି ପହଞ୍ଚୁଛି, ତାର ପ୍ରକୃତ ବଣ୍ଟନ ଯେ ହୋଇ ପାରୁନାହିଁ ଏହା ମୁଁ ଅନୁଭବ କରୁଛି । କେଉଁ ଗାଁକୁ ପ୍ରଚୁର ଖାଦ୍ୟଶସ୍ୟ ଯାଉଛି ତ କେଉଁ ଗାଁ ଏକାବେଳେ ପାଉ ନାହିଁ । ଯାହା ପାଉଛି ତା ବି ଯଥେଷ୍ଟ ନୁହେଁ । ଏହାର ଯଦି ଗୋଟାଏ କିଛି ପ୍ରତିକାର କର ନଯାଏ ତେବେ ଆଉ ରକ୍ଷା ନାହିଁ ।"

—ବାଇଶ—

"ପ୍ରତିକାର ଆଉ କଣ ? ସରକାରୀ ସାହାଯ୍ୟ ଯାହା ଆସିଲା ତାର ଯଦି ସମତୁଲ ବଣ୍ଟନ ଏଇ ଲୋକମାନଙ୍କ ଭିତରେ ନହୁଏ, ତେବେ ଏପରି ସାହାଯ୍ୟ ବରଂ ବନ୍ଦକରିଦେବା ଭଲ । ସରକାରୀ କର୍ମଚାରୀମାନଙ୍କ ସଙ୍ଗେ ସହଯୋଗ ନ-କଲେ ସେମାନେ କରିବେ କଣ ? କାହା ଘରେ କେତେ ଲୋକ ତାର ଯଦି ସଠିକ୍ ତାଲିକା ସେମାନେ ନ ପାଆନ୍ତି, ତେବେ ସେଥିପାଇଁ ଦାୟୀ କିଏ ?"

"ଦାୟୀ ? ଦାୟୀ ଆମ୍ଭେମାନେ । ସରକାରଙ୍କର ମୁଖ୍ୟକର୍ତ୍ତାଙ୍କୁ ଆମେ ଯଦି ଏ ବିଷୟରେ ନ କହିବା ତେବେ ଏହି ଅବସ୍ଥାର ଚାଲିଥିବ । ଗାଁ ଟାଉଟରମାନଙ୍କ ଯୋଗୁ ତ ସବୁ ବିଗିଡ଼ିଲା । ଚାଲ, କାଲି ସକାଳୁ ଆମ୍ଭେମାନେ ରିଲିଫ ଅଫିସରଙ୍କୁ ଭେଟି ଏହାର ପ୍ରତିକାର ଲୋଡ଼ିବା ।"

"ତାହା ହେଲେ ସେଇଆ ହେଉ । ଆମେ ଯଦି କିଛି ନ କରିବା ତେବେ ଏ ମଲାମୁଣ୍ଡିଆ ଲୋକେ ଟାଉଟରମାନଙ୍କ ଷଡ଼-ଯନ୍ତ୍ରର କେଉଁଆଡ଼େ ନିଶ୍ଚିହ୍ନ ହୋଇଯିବେ ।"

ସେ ଦିନ ରାତି ପାହିଲା । ପୂର୍ବ ରାତିର ତାଲିକା ଅନୁସାରେ କର୍ମୀମାନେ ଯିଏ ଯୁଆଡ଼େ ଗଲେ । ଜ୍ୟୋତ୍ସ୍ନା ଓ ନବୀନ ବାବୁ ଚାଲିଲେ ରିଲିଫ ଅଫିସରଙ୍କ ପାଖକୁ । ରିଲିଫ ଅଫିସରଙ୍କୁ ସବୁ କଥା କହିଲେ । ରିଲିଫ ଅଫିସର ନବୀନ ଓ ଜ୍ୟୋତ୍ସ୍ନାଙ୍କ କଥାର ସତ୍ୟତା ପରୀକ୍ଷା କରିବା ପାଇଁ ନବୀନ ବାବୁ ଓ ଜ୍ୟୋତ୍ସ୍ନା ସହ କେତେ ଖଣ୍ଡ ଗାଁ ବୁଲି ଯାହା ଦେଖିଲେ ସେଥିରେ ସେ ଆଉ ସନ୍ଦେହ କରିବାର ନ ଥିଲା । ସଙ୍ଗେ ସଙ୍ଗେ ନବୀନବାବୁ ଓ

ଜ୍ୟୋସ୍ନାଙ୍କୁ ବଣ୍ଟନଭାର ଦେଲେ । ସରକାରୀ କର୍ମଚାରୀମାନଙ୍କୁ ଏଥିରେ ସହଯୋଗ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଲେ ।

ଖାଦ୍ୟଶସ୍ୟ ବଣ୍ଟନ ସୁରୁଖୁରୁରେ ଚାଲିଲା । ନବୀନ ବାବୁ ପ୍ରାଣପଣେ ଚେଷ୍ଟା କରି ଏଥିରେ କୃତକାର୍ଯ୍ୟ ହେଲେ । ସରକାରୀ କର୍ମଚାରୀମାନେ ଅଯଥା ପରିଶ୍ରମରୁ ରକ୍ଷା ପାଇ ନବୀନ ବାବୁଙ୍କୁ ଧନ୍ୟ ଧନ୍ୟ କଲେ । ଠିକାଦାରମାନଙ୍କର ମଧୁ-ସ୍ୱପ୍ନ କୁଆଡ଼େ ଉଡ଼ିଗଲା । ଦିନ ପନ୍ଦରଟା ଭିତରେ ନବୀନବାବୁ, ଜ୍ୟୋସ୍ନା ଓ ସେମାନଙ୍କର ସହକର୍ମୀମାନେ ବଣ୍ଟନକାର୍ଯ୍ୟରେ ଏପରି ସୁଶୃଙ୍ଖଳ ବ୍ୟବସ୍ଥା କରିଦେଲେ ଯେ ସରକାରୀ କର୍ମଚାରୀମାନଙ୍କ ପକ୍ଷରେ କାର୍ଯ୍ୟ ସୁଗମ ହୋଇଗଲା । ଏଣିକି ଯେ କୌଣସି ଲୋକ ସୁରୁଖୁରୁରେ ବଣ୍ଟନକାର୍ଯ୍ୟ କରିପାରେ ।

ଏହାପରେ ପ୍ରାୟ ଦୁଇ ମାସ କଟିଗଲା । ଝଂଙ୍କାରପୁର ଅଞ୍ଚଳରେ ଅବସ୍ଥା ପ୍ରାୟ ସମ୍ଭାଳି ପଡ଼ିଲା । ତଥାପି କାଁ ଭାଁ ବିଭିନ୍ନ ପ୍ରକାର ରୋଗ ଦେଖାଯାଉ ଥାଏ । କର୍ମୀମାନେ ସେବାକାର୍ଯ୍ୟରେ ଲାଗିଥାନ୍ତି ।

ଦିନେ ସକାଳେ ନବୀନ ବାବୁ ଜ୍ୟୋସ୍ନାଙ୍କୁ କହିଲେ, "ଜ୍ୟୋସ୍ନା ଦେବୀ ଆପଣ ବର୍ତ୍ତମାନ ଘରକୁ ଯାଆନ୍ତୁ । ଅବସ୍ଥା ତ ଠିକେ ଭଲ ହୋଇ ଆସିଲାଣି । ଏଠି ଆଉ ବସିକରି ଲାଭ କଣ ? ଏଣିକି ସରକାରୀ ଲୋକେ ତାଙ୍କର କାର୍ଯ୍ୟ କରନ୍ତୁ । ଆମେ ସମସ୍ତେ ମଧ୍ୟ ଆଉ ଦିନ କେତେଟା ଭିତରେ ଅନ୍ୟତ୍ର ଯାଇ ପାରୁ । ଆପଣ ଯାଆନ୍ତୁ । ସେଣେ ବୃଦ୍ଧ ବାପାଙ୍କର ଅବସ୍ଥା ଆପଣ ମଧ୍ୟ ଦେଖିବା ଉଚିତ । ତା ପରେ ଏ ବନ୍ୟା ଯୋଗୁଁ ସାହିତ୍ୟସଭା

ବହୁ ଧନ ହେଲା ବସିଲ । ତା'ର ଯୋଗାଡ଼ ଆପଣ ଯାଇ କରିବେ । ଚିଠି ଲେଖିଲେ ମୁଁ ବି ଯିବି ।"

ଜ୍ୟୋତ୍ସ୍ନାର ଶତ ଶତ ଅନୁରୋଧ ନବୀନବାବୁଙ୍କ ନିକଟରେ ବ୍ୟର୍ଥ ହେଲା । ଶେଷରେ ସେ କଟକ ବାହୁଡ଼ିଲା । ଆଜି ଚେତେଦନ ଅବସ୍ଥାର ଗତି ଲକ୍ଷ୍ୟ କରିବାକୁ ନବୀନବାବୁ ସହକର୍ମୀମାନଙ୍କୁ ଧରି ବିଂଙ୍କାରପୁରରେ ରହିଲେ ।

— ୧୦ —

ଉଷାଲୋକ ପତ୍ରିକା ବର୍ତ୍ତମାନ ବନ୍ଦ । କେତେ ତ ପତ୍ରିକା ଏହିପରି ବନ୍ଦ ହେଲାଣି । ଏହା ବା କାହିଁକି ଥିବ ? କମଳଲୋଚନଙ୍କ ସାହିତ୍ୟସେବା ଏତକରେ ଶେଷ । ଉଷାଲୋକର ପୁନରୁଦ୍ଧାର ଯେ କେତେବେଳେ ହେବ ତା ଏକା ସେହି ମହାତ୍ମା କମଳଲୋଚନଙ୍କୁ ଜଣା । ତାଙ୍କର ଜ୍ୟୋତ୍ସ୍ନା ଓ ଧନ ପାଗଳାମୀଯୋଗୁଁ ଓଡ଼ିଶାରେ ଜଣେ ତରୁଣ ସାହିତ୍ୟିକ ତଥା ପତ୍ରିକା ସଂପାଦକଙ୍କର ସଂଖ୍ୟା କମିବା ସଙ୍ଗେ ସଙ୍ଗେ ବହୁ ଲେଖକ ଲେଖିକାଙ୍କର ଆଶା ମଧ୍ୟ କ୍ଷଣକ ମଧ୍ୟରେ ମରିଗଲା ।

କମଳଲୋଚନଙ୍କର ପାଗଳାମୀ ଓ ତାର ପରିଣାମ କ୍ରମେ ପଦାରେ ପଡ଼ୁଛି । ପ୍ରେସର ସତ୍ତ୍ୱାଧିକାରୀ ତାଙ୍କର ଯୋଗନିଦ୍ରା ଭାଙ୍ଗି ଯେଉଁ ଦିନ ମଫସଲରୁ ଦୌଡ଼ି ଆସି କଟକ ସହରର ସେହି ଛଅଖାନ ଉପାଲୋକ ପ୍ରେସରେ ପହଞ୍ଚିଲେ, ସେ ଦେଖିଲେ କମଲଲୋଚନ ଆଉ ନାହାନ୍ତି । ସେ ପାଗଳ ହୋଇ କେଉଁ ଆଡ଼େ ଚାଲିଗଲେଣି । ଖାଲି ପଡ଼ିରହିଛି, ତାଙ୍କର ଅଫିସ ରୁମ୍ ଆଉ ସେହି ଦଦରା ଚୌକୀ ଓ ଟେବୁଲ ଦୁଇ ଖଣ୍ଡ । ସତ୍ତ୍ୱାଧିକାରୀ ସବୁ ବୁଝିଲେ । ଆଶ୍ଚର୍ଯ୍ୟ ହେଲେ ମଧ୍ୟ । ଗୋଟାଏ ପତ୍ରିକା କ୍ରମେ କ୍ରମେ ପ୍ରସିଦ୍ଧ ହୋଇ ଉଠୁଥିବା ବେଳେ ତାର ସଂପାଦକର ଏପରି ଅଖ୍ୟାତ ହୁଏ ?

କମଳଲୋଚନଙ୍କର ଯେଉଁଦିନ ପାଗଳାମୀ ବଢ଼ିଥିଲା, ସେଦିନ ତା' ପାଖରେ କେହି ନ ଥିଲେ । ସେ ଉର୍ଦ୍ଧ୍ୱକୁ ଚାହିଁ ଗୋଟାଏ ସିଗାରେଟକୁ ଖାଲି ପ୍ରାଣପଣେ ଶୋଷି ଚାଲିଥିଲେ । ଏତିକବେଳେ ଜଗତସିଂହପୁର ବସ୍‌ଟା ଆଗରୁ ମାଡ଼ି ଆସୁଥିଲା । କମଳ ହାତ ଦେଖାଇଲେ । ବସ୍ ରହିଲା ନ ରହୁଣୁ କଣ୍ଡକ୍ଟର ତାଙ୍କ ହାତକୁ ଧରି ଉଠାଇନେଇ ପଚାରିଲେ,—କେଉଁଆଡ଼େ ଯିବେ ?
'ସେଇଆଡ଼େ', ଗାଡ଼ି କେଉଁଠିକି ଯିବ ?

"ଜଗତସିଂହପୁର" "ତେବେ ମୁଁ ସେଇଠିକି ଯିବି" ।
ସମସ୍ତେ ଘଡ଼କରେ ଜାଣିଲେ ଲୋକଟା ପାଗଳ ।

ଜଗତସିଂହପୁର ବସଷ୍ଟାଣ୍ଡରେ ବସ୍ ରହିଲା । କମଳ ଚାରିପଟେ ସବୁ ଯାତ୍ରୀ ଘେରିଗଲେ । ସମସ୍ତେ କହିଲେ, "ଲୋକଟା ପାଗଳ ହୋଇଛି ।" ପାନ ଦୋକାନଠାରେ ପାନ କିଣୁଥିଲା ଦମୟନ୍ତୀ. ସ୍କୁଲରୁ ଫେରିବା ବାଟରେ । କୌତୁହଳୀ

ହୋଇ ପାଗଲକୁ ଦେଖିବାକୁ ଗଲା । ମାତ୍ର ଯେତେବେଳେ ସେ ଦେଖିଲା ପାଗଳଟି ଆଉ କେହି ନୁହେଁ କମଳଲୋଚନ, ସେତେବେଳେ ସେ ଦୁଇ କହୁଣୀରେ ଲୋକଙ୍କୁ ଆଡ଼େଇ କମଳ ନିକଟକୁ ଗଲା । ଦେଖିଲା କମଳ ପ୍ରକୃତରେ ପାଗଳ । ଦୟାନିଧି କିଛି ନ ଭାବି କମଳକୁ ଘରକୁ ନେଇଗଲା ଜଣେ ବନ୍ଧୁ ହିସାବରେ ।

ପ୍ରାୟ ପନ୍ଦର ଦିନ ହେଲାଣି । ଦୟାନିଧିର ବାପ ମା, ଭଉଣୀ ସମସ୍ତେ କମଳଙ୍କ ସେବାରେ ବ୍ୟସ୍ତ । ଏଡ଼େ ସୁନ୍ଦର ଯୁବକ । ଏପରି ହଠାତ୍ ପାଗଳ ହେବାର କାରଣ କଣ ? ଦୟାନିଧି ସନ୍ଦେହର ଦୋଳାରେ ନାଚିବାକୁ ଲାଗିଲା । ଦିନେ ଏକାକୀ ପାଇ ଦୟାନିଧି ପଚାରିଲା, "ଆଚ୍ଛା କହିଲ କମଳ, ତୋତେ ବର୍ତ୍ତମାନ କପରି ଲାଗୁଛି ?"

"ଭଲ ଭଲ ଲାଗୁଛି ।" କମଳ ଖାଲି ହସିଲା ।

"ଆରେ ହଇ ବନ୍ଦକର । ତୋ' ଚନ୍ଦ୍ରିକା କୁଆଡ଼େ ଗଲା ? ସେ ତ କ'ଣ ଏବେ ବନ୍ଦ ।"

"ହିଁ ହିଁ, ଚନ୍ଦ୍ରିକା ? ଜ୍ଞାନଲୋକ, ଜ୍ୟୋସ୍ନା ? ସବୁ ବାହାରିବ, ସବୁ ବାହାରିବ । ବର୍ତ୍ତମାନ ମୋର ତପସ୍ୟା ଚାଲିଛି । ତପସ୍ୟା ସରିଲେ ଯାଇଁ ଯୋଉଁକଥା ।"

ଦୟାନିଧି ଆଉ ବେଶିକଥା କହି ତାର ପାଗଳାମୀକୁ ବଢ଼ାଇବାକୁ ଇଚ୍ଛା କଲାନି । ମାତ୍ର ଜ୍ୟୋସ୍ନାର ନାଁ ତା ପାଟିରେ ଶୁଣି ତାର ଟିକିଏ ସନ୍ଦେହ ହେଲା । କେଉଁ ଜ୍ୟୋସ୍ନା ? ସେହି ଲୋକ ସେବିକା ? ତାର ସ୍ତ୍ରୀ' ସଙ୍ଗେ ସଂପର୍କ କଣ ? ଦୟାନିଧି ଅନେକ କିଛି ଭାବିବାକୁ ଲାଗିଲା ।

ସେଦିନ ଶନିବାର ରାତି । ବାପା, ବୋଉ ଓ ଦୟାନିଧି

ବାରଣ୍ଡାରେ ବସି କଥାବାର୍ତ୍ତା ହେଉଛନ୍ତି । ଆସନ୍ତା କାଲି ରବିବାର ଥିବାରୁ ଦଯ୍ୟାନିଧିର ସେପରି କିଛି କାମ ନାହିଁ । କମଳଲୋଚନଙ୍କ ପାଗଲାମୀ ଟିକିଏ କଣାଅଛି । ସେ ନିଘୋଡ଼ ନିଦରେ ଶୋଇଛନ୍ତି । ଦଯ୍ୟାନିଧି ଆରମ୍ଭକଲା "ବୁଝିଲ ବୋଉ, ପିଲାଟାର ଭାଗ୍ୟ କଣା । ଏତେ ପାଠ ପଢ଼ିଲା ଶେଷରେ ଭଗବାନ ତାର ଏଇ ଅବସ୍ଥା କଲେ !"

"କେଉଁଯାଏ ପଢ଼ିଛି ଏ ପୁଅ ?" ମା ପଚାରିଲେ । "କେଉଁଯାଏ ? ବି, ଏ, ପାସ୍ କରିଛି ? ସାହିତ୍ୟରେ ତାର ଭାରି ଝୁଙ୍କ । ସେ ପରା ଗୋଟାଏ ପତ୍ରିକାର ସଂପାଦକ ଥିଲା ।" ଦଯ୍ୟାନିଧି କହିଲା ।

ବାପା ପଚାରିଲେ, "ପତ୍ରିକାର ସଂପାଦକ ? ତେବେ ଏପରି ଅବସ୍ଥାର କାରଣ କଣ ?"

ଦଯ୍ୟାନିଧି କହିଲା, "କାରଣ କଣ ? କାରଣ ଅତି ସହଜ । ଗୋଟାଏ ଝିଅ ତାକୁ ଆଦୌ ଇଚ୍ଛା କରେନି, ତାରି ଲାଗି ତାର ଏ ଅବସ୍ଥା ।"

ତା ପରେ ମା ପାଳି ଧରି କହିଲେ, "ଏଇ ସାମାନ୍ୟ କଥା ପାଇଁ ଏତେ କଥା ? ପୁଅ ପାଠ ପଢ଼ିଛି । ଯୋଗ୍ୟ ପୁଅ ଯାକୁ । କଣ ଝିଅ ମିଳୁନଥିଲେ ? ଶହ ଶହ ଝିଅ ତ କ୍ଷଣକେ ଆସି ଯୁଟିଥାନ୍ତେ ।"

ବାପା କହିଲେ, "ନାହିଁ ନାହିଁ ହେ । ଅଜି କାଲି ଟୋକାଙ୍କର ଏ ଗୋଟାଏ ରୋଗ । ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ ପଡ଼ିଇ ହେଲେ ।"

ଦଯ୍ୟାନିଧି କହିଲା—"ଯାହା ହେଉ ଭଗବାନ ଭଲ କରନ୍ତୁ, ମୋ ମନରେ ଗୋଟାଏ କଥା ଅଛି । ତା ଆଗରୁ କହି ଲାଭ କଣ ?"

ଦୟାନିଧିର ସାନ ଭଉଣୀ ସୁଲତା ତେଣେ ରୋଷେଇ କରୁଛି । ବାହା ହବା ବୟସ ହୋଇଗଲାଣି । ବାପା ମା'ଙ୍କର ଅବସ୍ଥା ସେତେ ଭଲ ନଥିବାରୁ ବିବାହ ପ୍ରସ୍ନ ତାର ଏପର୍ଯ୍ୟନ୍ତ ଉଠିନାହିଁ । ଯାହାହେଉ ଦୟାନିଧି ମାଷ୍ଟ୍ର ହେଲା ଦିନୁ ଅବସ୍ଥା ଟିକେ ସମ୍ଭାଳି ପଡ଼ୁଛି । ବାପା, ବୋଉ ଓ ଭାଇଙ୍କର କଥାବାର୍ତ୍ତା ଶୁଣି ସୁଲତା ଗୋଟିଏ ଦୀର୍ଘ ନିଶ୍ୱାସ ମାରି ମନକୁ ମନ କହିଲା, "ହେଉ ଭଗବାନ ଉପର ଇଚ୍ଛା ।"

ଏତିକି ବେଳେ ହଠାତ୍ କମଳଲୋଚନ ଖଟ୍ ଗୋଟାଏ ଚିତ୍କାର କରି ଖଟ ଉପରୁ ତଳକୁ ଡେଇଁ ପଡ଼ିଲେ । ଦୟାନିଧି ବାପା, ବୋଉଙ୍କର କଥା ବାର୍ତ୍ତା ଭାଙ୍ଗିଗଲା । ସୁଲତା ଚମକି ପଡ଼ି ଘିଭିତରେ ଚେଟୁ ପକାଇ ଦୌଡ଼ି ଆସିଲା ଭାଇ ପାଖକୁ । ସମସ୍ତେ ଯାଇଁ କମଳଲୋଚନ ପାଖରେ ରୁଣ୍ଡ ହେଲେ । ସୁଲତା ଦୌଡ଼ି ଯାଇ ପାଣି ଗିଲାସେ ନେଇ ଆସିଲା । ଦୟାନିଧି କମଳକୁ ଖଟ ଉପରେ ବସାଇ ମୁଣ୍ଡରେ ପାଣି ସିଞ୍ଚିଲା । କମଳଙ୍କ ଦେହ ସାରା ଝାଳରେ ବୁଡ଼ି ଗଲାଣି । ସୁଲତା ଗୋଟାଏ ପଙ୍ଖା ଆଣି ବିଞ୍ଚିବାକୁ ଲାଗିଲା । ଟିକକ ପରେ କମଳଙ୍କର ଝାଳ ବହିବା ବନ୍ଦ ହେଲା । କମଳ ଚୁପ୍ ହୋଇ ଶୋଇ ପଡ଼ିଲେ । ସୁଲତା ବାପା, ବୋଉ ଓ ଭାଇଙ୍କୁ ଖାଇବାକୁ ଦେଇ ନିଜେ ଖାଇନେଲା । କମଳଲୋଚନ ନିମନ୍ତେ ମିଶ୍ରି ଖଣ୍ଡେ ପାଣିରେ ବତୁରାଇ ଦେଲା । ତା'ପରେ ଦୟାନିଧି ସାଙ୍ଗରେ ଜଣେ ଲୋକ ଧରି ଡାକ୍ତରଙ୍କୁ ଡାକିବାକୁ ଗଲେ । ଏତେ ଦିନ ଯାଏଁ ଯେଉଁ ଡାକ୍ତର କମଳଲୋଚନଙ୍କୁ ଚିକିତ୍ସା କଲେଣି ସେ ରାତି ହେଲେ ମଧ୍ୟ ନିଶ୍ଚୟ ଆସିବେ । ଦୟାନିଧି ଏଇ ଦମ୍ଭ ମନରେ ଧରି ଗଲା ଡାକ୍ତରଙ୍କୁ ଡାକିବାକୁ । ସୁଲତା ଓ ବୁଢ଼ା ବୁଢ଼ୀ କମଳଲୋଚନ

ଶୋଇଥିବା ଘର ପାଖ ବାରଣ୍ଡା ପାଖରେ ଶୋଇଲେ । ସୁଲତାଙ୍କୁ ଭଲ ନିଦ ହେଉ ନଥାଏ ।

ଶୋଇବାର ଅଳ୍ପ ସମୟ ହୋଇଛି, ବୁଢ଼ା ବୁଢ଼ୀ ନିଦରେ ଘୁଙ୍ଗୁଡ଼ି ମାରିଲେଣି, ସୁଲତାଙ୍କୁ ସ୍ଲାଇ ନିଦ ଲାଗି ଆସୁଛି, ଏତିକି ବେଳେ ହଠାତ୍ ସୁଲତାର ନିଦ ଭାଙ୍ଗିଗଲା କାହାର ହସ ଗୋଟାଏ ଶୁଣି । ତାଙ୍କୁ ଭାରି ଡର ମାଡ଼ିଲା । ପାଖ ବାରଣ୍ଡାରେ ଶୋଇଥିବା ବୁଢ଼ା ବୁଢ଼ୀ ସେତେବେଳକୁ ଘୁଙ୍ଗୁଡ଼ି ମାରୁଛନ୍ତି । ସୁଲତା, ବୋଉ, ବୋଉ ବୋଲି ଡାକ ଦେଲା । ମାତ୍ର ବୋଉ ନଶୁଣିବାରୁ ସେ ସାହସ ବାନ୍ଧି କମଳ ନିକଟକୁ ଗଲା । ସେ ଗଲା ମାତ୍ରେ କମଳ ଖାଲି ସୁଲତା ମୁହଁକୁ ଏକ ଦୃଷ୍ଟିରେ ଅନାଇ ରହିଲେ । ମୁହଁ ସାର ଝାଳରେ ବୁଡ଼ିଛି । ଆଉ ହସ ନାହିଁ । ସୁଲତା ବଟଣାଟା ଆଣି ଟିକିଏ ବିଞ୍ଚି ଦେଲା, ପଚାରିଲା-"ଢଣ ଟିକିଏ ମିଶ୍ରି ପାଣି ଦେବି ?" କମଳ ଆଉ କିଛି ଉତ୍ତର ଦେଲେ ନାହିଁ ।

ସୁଲତା ମିଶ୍ରି ପାଣି ଟିକିଏ ନେଇ କମଳ ମୁହଁରେ ଦେଲା । କମଳ ଢକ ଢକ କରି ପିଇଗଲେ ସତେ ଯେପରି ସେ ଗ୍ଲାସ ସୁଦ୍ଧା ପିଇ ଯିବେ ! ତାପରେ କମଳ ଚୁପ ହୋଇ ଶୋଇଲେ । ସୁଲତା ପାଖରେ ବସି ବିଞ୍ଚିବାକୁ ଲାଗିଲା । କମଳ ଖାଲି ସୁଲତା ଆଡ଼କୁ ଅନାଇ ରହିଲେ ।

ସୁଲତା ଲକ୍ଷ୍ୟ କଲା କମଳର ମୁହଁରେ ଗୋଟାଏ ପରିବର୍ତ୍ତନ ଦେଖା ଦେଇଛି । ଅନ୍ୟ ଦିନ ଅପେକ୍ଷା ଆଜି ମୁହଁ ଟିକେ ଉଜ୍ଜ୍ୱଳ ଦିଶୁଛି । ସୁଲତା ସାହାସ କରି ପଚାରିଲା, "ଢଣ ଟିକେ ଭଲ ଲାଗୁଛି ?"

—ପାଠିଏ—

ଏତିକି ବେଳେ କମଳ ଚମକି ଉଠି କହିଲା, "ଏଁ, ତୁମେ କିଏ ? ଜ୍ୟୋସ୍ନା ? ଏତ କଟକ ନୁହଁ । ଏଠିକି ମୋତେ କିଏ ସେ ଆଣିଲା ?"

ତାପରେ ଫେରି ଆସିଲା କମଳଙ୍କ ପୂର୍ବ ସ୍ୱଭାବ । ସେ ସବୁ କଥା ଜାଣି ପାରିଲେ । ସୁଲତା ଖାଲି କାଠ ପରି ଖଟ ପାଖରେ ଠିଆ ହୋଇଥାଏ । କମଳଙ୍କ ପାଟି ଶୁଣି ବୁଢ଼ା ବୁଢ଼ୀ ଉଠି ପଡ଼ିଲେ ।

ଏତିକି ବେଳେ ଦାଣ୍ଡ ଦୁଆରେ ଦୟାନିଧିର ପାଟି ଶୁଭିଲା । ସୁଲତା ଯାଇଁ କବାଟ ଫିଟାଇଲା । ଡାକ୍ତର ବାବୁ ଓ ଦୟାନିଧି ଘର ଭିତରକୁ ପଶୁ ପଶୁ ଦୟାନିଧି ପଚାରିଲା, "କଣ ଟିକିଏ ଭଲ ଅଛି ?"

ସୁଲତା କହିଲା, "ହଁ ।"

ତା ପରେ ଡାକ୍ତର ଓ ଦୟାନିଧି କମଳର ଶୋଇବା ଘର ଭିତରେ ପଶିଲେ । ଖଟ ଉପରୁ କମଳ ଉଠିଆସି ଡାକ୍ତର ବାବୁଙ୍କୁ ନମସ୍କାର କଲେ । ଦୟାନିଧିକୁ ଚାହିଁ ସେ କୃତ୍ୟ କୃତ୍ୟ ହେଲେ ।

ଡାକ୍ତର କହିଲେ, "ଏ ଗୋଟାଏ ମାନସିକ ରୋଗ । ପ୍ରକୃତ ଚିକିତ୍ସା ପରେ ତାର ଉପଶମ ହୋଇଛି । ଆଉ ଏଣିକି ଚିନ୍ତା ନାହିଁ । ଖାଲି ଖାଦ୍ୟପେୟର ଯତ୍ନ ନେଲେ ପୂର୍ବ ସ୍ୱାସ୍ଥ୍ୟ ଫେରି ଆସିବ ।"

ସମସ୍ତଙ୍କ ମୁହଁରେ ହସର ଲହରୀ ଖେଳି ଗଲା । ଡାକ୍ତର ବାବୁ ଲୋକଟିଏ ସଙ୍ଗରେ ଧରି ଗାଁକୁ ଫେରିଲେ ।

କିଛି ଦିନ ପରେ କମଳ ଓ ଦୟାନିଧି ଦାଣ୍ଡଘରେ ଖଟ ଉପରେ ବସି କଥା ବାର୍ତ୍ତା ହେଉଛନ୍ତି । କମଳଙ୍କ ପାଗଳାମୀ ଆଜ

ନାହିଁ । ଦୟାନିଧି ଦୟାରୁ ସେ ଏବେ ହାଇସ୍କୁଲରେ ମାଷ୍ଟ୍ର ଗୁଡ଼ିକଟିଏ ପାଇ ତା ପ୍ରତି ବିଶେଷ କୃତଜ୍ଞ । ଦୟାନିଧିର ପରିବାରରେ ସେ ବର୍ତ୍ତମାନ ଜଣେ । ଯେଉଁ ବନ୍ଧୁ ତାର ଜୀବନ ରକ୍ଷିଲା ତାକୁ କମଳ କଣ ଦେଇ ସେ ଉପକାର ଶୁଝିବେ ସେଇ କଥା ଭାବିବାରେ ଲାଗିଲେ ।

ଦୟାନିଧି ପଚାରିଲା, "ଆଚ୍ଛା କମଳ, ତୁ ତ କହୁଚୁ ଆଜି ତୋର ଗାଁରେ କେହି ନାହିଁ । ତୋର ବୁଦ୍ଧି ବଳରେ ପାଠ ପଢ଼ି ଶେଷରେ ଏଇ ଅବସ୍ଥା । ତେବେ ତୋର ଆଜି ଭବିଷ୍ୟତ କର୍ମପନ୍ଥା କଣ ଅଛି ଶୁଣେ ?"

କମଳ କହିଲେ, "କର୍ମପନ୍ଥା ? ସବୁ ଜଳି ପୋଡ଼ି ଯାଇଛି ମୋର ଅଜ୍ଞାନରୁ । ସେ କଥା ପଚାରି ମୋତେ ଆଜି ଲଜ୍ଜା ଦିଅନା ଭାଇ ।"

"ଆଚ୍ଛା ମୁଁ ଗୋଟିଏ କଥା ପଚାରିବି କହିବୁ ?"

"ନ କହିବି କାହିଁକି ?"

"ତୋତେ ଆସି ଏତେ ବର୍ଷ ହେଲାଣି । ଯାହା ହେବାର ତ ହୋଇଯାଇଛି । ସେ କଥା ଭାଳି ବସିଲେ ଆଜି ଲାଭ ନାହିଁ । ଆଚ୍ଛା ବର୍ତ୍ତମାନ ଯଦି ସୁଲତାକୁ ମୁଁ ତୋ ହାତରେ ଦିଏ ତେବେ ତୋର ଆପତ୍ତି ଅଛି ?"

"ଆପତ୍ତି ଆଜି କଣ କରିବି ? ତୁ ଯେତେବେଳେ ମୋର ଜୀବନ ରକ୍ଷିଛୁ ତୋର ଋଣ ଯଦି ମୁଁ ଏହି ଉପାୟରେ ଶୁଝି ପାରିବି ତେବେ ଭଲ ହେବ । ମୋର ଆଜି ଏଥିରେ ଆପତ୍ତି କରିବାର କଣ ଅଛି ?"

ସେହିଦିନଠାରୁ ସୁଲତାର ମନରେ ଆନନ୍ଦର ଅସରନ୍ତି ଭଣ୍ଡାର । ବାପା ମା'ଙ୍କ ମନ ଆନନ୍ଦରେ ବିଭୋର । ଯେଉଁ

କାମକୁ ଆଜି ପର୍ଯ୍ୟନ୍ତ ସେ ହାତ ବଢ଼ାଇବାକୁ ସାହାସ କରି ପାରୁ ନ ଥିଲେ, ସେ କାମ ଯଦି ଏତେ ଶୀଘ୍ର ଆପେ ଆପେ ହୋଇଯାଉଛି ସେଥିରେ ସେମାନେ ଆନନ୍ଦ ନ ହେବେ କାହିଁକି ? ହେଲେ ଦିନ ବାର ଠିକ୍ ହେବା ପୂର୍ବରୁ ଦୟାନିଧିଙ୍କୁ କମଳଲୋଚନ ଗୋଟିଏ କଥା ପଚାରିଲେ, "ଭାଇ ଦୟାନିଧି, ମୋର ସବୁଥିରେ ରାଜି । କିନ୍ତୁ ବିବାହ ପୂର୍ବରୁ ମୋର ଯଦି ଖଣ୍ଡେ ଅଲଗା ଘର ନ ହୁଏ ତେବେ କଥାଟା ଏକାବେଳକେ ଅସୁନ୍ଦର ହେବ ।

"ସେଥିପାଇଁ ଚିନ୍ତା ନାହିଁ । ତାର ବ୍ୟବସ୍ଥା ମୁଁ ଆଗରୁ କରି ସାରିଛି । ଗାଁ ସେ ମୁଣ୍ଡ ନିଧି ଜେନାର ଘରଟାକୁ ମୁଁ ଏହା ଭିତରେ ତୋ' ପାଇଁ କିଣି ନେଇଛି ।" ଦୟାନିଧି ଉତ୍ତର ଦେଲା ।''

କମଳଙ୍କ ହୃଦୟ କୃତଜ୍ଞତାରେ ପୂରିଗଲା । ସେ ଆଉ ବେଶୀ କିଛି କହିବାକୁ ପସନ୍ଦ କଲେ ନାହିଁ । ବାସ୍ତବିକ୍ ଏଇ ହେଉଛି ପ୍ରକୃତ ବନ୍ଧୁ । ସ୍ନେହ ଓ ସୌହାର୍ଦ୍ଦ୍ୟ ଯେଉଁଠାରେ ନାହିଁ, ସେଠି ବିପୁଳ ଐଶ୍ୱର୍ଯ୍ୟଭରା ପ୍ରାସାଦ ମଧ୍ୟ ମୂଲ୍ୟ ହୀନ । କମଳ ଖାଲି ବିବାହ ଦିବସକୁ ଅନାଇ ରହିଲେ ।

ଆଜି କମଳଙ୍କ ବିବାହ ଦିବସ । ଚତୁର୍ଦ୍ଦିଗରେ ହସର ତରଙ୍ଗ । ବରକନ୍ୟା ବେଦୀରେ ବସିଛନ୍ତି । ହୋମାଗ୍ନି ଲହ ଲହ ହୋଇ ଜଳୁଛି । ନିଜେ ସ୍କୁଲର ହେଡ଼ ମାଷ୍ଟର କମଳ ପାଖରେ ବସି ପିତା ପକ୍ଷ କାମ ତୁଲାଉଛନ୍ତି । ଦୟା ନିଧିର ମନ ଆନନ୍ଦରେ ଭରା । ଘରେ ବାହାରେ ଚାରିଆଡ଼େ ଆନନ୍ଦର ସ୍ରୋତ । କମଳ

—ଡେଏଷଠି—

ଦେଖିଲେ ତାଙ୍କର ଶତ ପାପ,ଶତ ଅନ୍ୟାୟ ଯେପରି ଏହି ହୋମାନଳରେ ପଡ଼ି ଭସ୍ମୀଭୂତ ହୋଇ ଯାଉଛି, ହୃଦୟରେ ଏକ ଅପୂର୍ବ ଶିହରଣ ଖେଳି ଯାଉଛି । କମଳଙ୍କ ଚକ୍ଷୁ ଆପେ ଆପେ ବସ୍ଫାରିତ ହୋଇ ଗଲା । ସେ ଖାଲି ଚାହିଁ ରହିଲେ ସେହି ହୋମାନଳର ଲେଲିହାନ ଶିଖାକୁ । ପୁରୋହିତ ଉଚ୍ଚ ସ୍ୱରରେ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ—ଯଥା ରାବଣସ୍ୟ ମନ୍ଦୋଦରୀ, ନଳସ୍ୟ ଦମୟନ୍ତୀ, ତଥା············ହୋମାଗ୍ନି ଦବ୍ ଜୋରରେ ଉପରକୁ ଉଠିଲା ।

—୧୧—

ମୟୂରଭଞ୍ଜର ଗୋଟିଏ ଆଦିବାସୀ ପଲ୍ଲୀ । ଚିର ଅମୃତମୟ ଏହି ଆଦିବାସୀ ସନ୍ତାନଗଣଙ୍କ କୋଳାହଳରେ ପଲ୍ଲୀଟି ସର୍ବଦା ମୁଖରିତ । ସବୁଜ ବଣ ଘେରା ପଲ୍ଲୀଟି ଚିହ୍ନା ଅଚିହ୍ନା ନାନା ଜାତିକା ଫୁଲରେ ମହକୁଛି । ଗାଁ ସେମୁଣ୍ଡକୁ ଗୋଟାଏ ଝରଣା— କୁଳୁ କୁଳୁ ନାଦରେ ବହିଚାଲିଛି । ସରଳ ଆଦିବାସୀ କନ୍ୟାମାନଙ୍କର ହୃଦୟ ଜଣା ଗାନରେ ସ୍ୱଚ୍ଛ ଶୀତଳ ଜଳରାଶି ସର୍ବଦା ସଙ୍ଗୀତମୁଖର ।

ନବୀନ ବାବୁ ସହକର୍ମୀମାନଙ୍କ ସହ ଏହି ପଲ୍ଲୀରେ ଅବସ୍ଥାନ କରୁଛନ୍ତି । ଏବେ କେତେଦିନ ତଳେ ଝାଂଝାରପୁର ସେବାକାର୍ଯ୍ୟ

ଶେଷ କରି ଶେଷରେ ଏହି ଗିରି ଅମୃତମୟ ମୂଲକରେ ନିଜର ସେବା-ପୀଠ ବାଛି ନେଇଛନ୍ତି । ସରଳ ସୁନ୍ଦର ଆଦିବାସୀଙ୍କ ମନଟିର ଅପୂର୍ବ ଆନନ୍ଦ । ନବୀନ ବାବୁ ଆଜି ଏହି ଆଦିବାସୀ-ମାନଙ୍କର ମୁଖ୍ୟ ଅତିଥି ।

ଏ ଭିତରେ ନବୀନ ବାବୁ ବହୁ ଆଦିବାସୀ ପଲ୍ଲୀ ବୁଲିଲେଣି । ଆଦିବାସୀ ଭାଷା ମଧ୍ୟ ଆୟତ୍ତ କଲେଣି । ବନର ମନୋରମ ଛବି ଓ ସରଳ ଆଦିବାସୀ ଯୁବକ ଯୁବତୀଙ୍କର ଅତିଥି ପରାୟଣତା ତାଙ୍କ ହୃଦୟରେ ଆନନ୍ଦର ଲହରୀ ଖେଳାଉଥାଏ । ସହରୀ ସଭ୍ୟତାର ସମସ୍ତ ଶିକ୍ଷା ଭୁଲିଯାଇ ବନଦେଶର ଏହି ସରଳ ସନ୍ତାନମାନଙ୍କ ସଙ୍ଗେ ନିଜକୁ ମିଶାଇ ଦେବାକୁ ବେଳେ ବେଳେ ତାଙ୍କର ଇଚ୍ଛା ହୁଏ । ସଂଧ୍ୟା ସମୟରେ ଯେତେବେଳେ ସରଳ ଯୁବକ ଯୁବତୀଙ୍କର ହୃଦୟଜଣା ନୃତ୍ୟ ଗୀତ ଓ ଅପୂର୍ବ ବାଦ୍ୟ ସଙ୍ଗୀତର ସଂସ୍ପର୍ଶରେ ଆସନ୍ତି ସେତେବେଳେ ସେ ଆତ୍ମହରା ହୋଇ ପଡ଼ନ୍ତି । ସେ ଭାବନ୍ତି ସେ ପ୍ରକୃତରେ ପ୍ରକୃତିର କୋଳକୁ ଆଜି ଫେରି ଆସିଛନ୍ତି । ଆଜି ଏଇ ପୂର୍ଣ୍ଣ ଅମୃତମୟ ପୀଠରେ ସେ ଶିକ୍ଷାଦାନ କରିବେ ସତ, ମାତ୍ର ତା' ସଙ୍ଗେ ସଙ୍ଗେ ସେ ଏଠାରୁ ଯଥେଷ୍ଟ ଶିକ୍ଷା ଗ୍ରହଣ କରିବେ ।

ବସନ୍ତର ଗୋଟିଏ ସଂଧ୍ୟା । ଜ୍ୟୋତ୍ସ୍ନାଲୋକ ଚତୁର୍ଦ୍ଦିଗରେ ପଡ଼ୁଛି । ନାନାପ୍ରକାରର ପ୍ରସ୍ଫୁଟିତ ପୁଷ୍ପର ସୁରଭିରେ ଆଦିବାସୀ ପଲ୍ଲୀ ମହକୁଛି । ମହୁଲ ଫୁଲର ମନ ମତାଣିଆ ଗଂଧରେ ପେଟ ପୂରିଉଠୁଛି । ନବୀନ ବାବୁ କର୍ମୀମାନଙ୍କୁ ଏକାଠି କରି କହିଲେ, "ଭାଇମାନେ, ଏ ଦୁନିଆରେ ସେବାର ସ୍ଥଳୀ ଅମାପ ଓ ସେବାର ବ୍ୟାପ୍ତି ଅସୀମ । ଦିଗ୍‌ବଳୟ ପରି ସେବା ପୀଠ ଘୂରି ଘୂରି ବୁଲୁଛି । ତା ହିଁ ଆମେ ଆଜି ଲକ୍ଷ୍ୟ କରୁଛେ । ଏହି ଆଦିବାସୀ ନରନାରୀ

ଯେଉଁମାନେ କି ସହରର ସେହି ସଭ୍ୟବୃନ୍ଦଙ୍କଠାରୁ ବହୁତ ଉଚ୍ଚରେ ସେମାନଙ୍କର ସେବାରେ ଆଜି ଆମେ ଯେ ମନପ୍ରାଣ ଢାଳି ଲାଗିଛେ ସେଥିପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି ଏହି ସରଳ ଆଦିବାସୀଭାଇଙ୍କ ମନରୁ କୁସଂସ୍କାର ଲୋପ କରି ବାସ୍ତବ ଶିକ୍ଷା ବଳରେ ଆମେ ଯଦି ସେମାନଙ୍କୁ ଆଜି ମଣିଷ ରୂପେ ଜଗତ ଆଗରେ ଠିଆ କରାଇ ପାରିବା ତେବେ ଭଗବାନ ସନ୍ତୁଷ୍ଟ ହେବେ । ଚିର ଅବହେଳିତ ଏହି ସନ୍ତାନମାନଙ୍କର ଆତ୍ମା ଆମ ପ୍ରତି ଶ୍ରଦ୍ଧାଞ୍ଜଳି ଢାଳିବ । ମୋର ଇଚ୍ଛା ପ୍ରାଣକୁ ପଣକରି ଆମେ-ମାନେ ଏହି କାର୍ଯ୍ୟରେ ଲାଗିଯିବା ।”

କର୍ମୀମାନଙ୍କର ଆନନ୍ଦଧ୍ୱନି ଓ କରତାଳିରେ ସଭାସ୍ଥଳୀ କମ୍ପି ଉଠିଲା । ନିକଟରେ ଠିଆ ହୋଇଥିବା କେତୋଟି ଆଦିବାସୀ ଯୁବକ ଯୁବତୀ କର୍ମୀମାନଙ୍କ ସହ ମିଶି ତାଳି ମାରିବାକୁ ଲାଗିଲେ । ମନରେ ସେମାନଙ୍କର ଅପୂର୍ବ ପୁଲକ ।

କର୍ମୀମାନଙ୍କର ଉତ୍ସାହର ସୀମା ରହିଲା ନାହିଁ । ପ୍ରତି ଆଦିବାସୀ ପଲ୍ଲୀ ନବୀନ ବାବୁ ନିଜ ଆଖିରେ ଦେଖି ଆସିଲେ । ଉପଯୁକ୍ତ କର୍ମୀଙ୍କୁ ଯଥାସ୍ଥାନରେ କାର୍ଯ୍ୟ ଭାର ଅର୍ପଣ କଲେ । ଅଳ୍ପ ଦିନ ଭିତରେ ଦେଖାଗଲା ଆଦିବାସୀଙ୍କ ହୃଦୟରେ ଅପୂର୍ବ ଜାଗରଣ ଦେଖା ଦେଇଛି । ବିଭିନ୍ନ ଆଦିବାସୀ ପଲ୍ଲୀରେ ଶିକ୍ଷା କେନ୍ଦ୍ର ଖୋଲି ନବୀନ ବାବୁ ଦେଖିଲେ ଯେ ସ୍ୱପ୍ନ ଖୁବ୍ ଶୀଘ୍ର ସଫଳ ହେବାକୁ ଯାଉଛି ।

ପ୍ରତ୍ୟହ ସଙ୍ଗୀତଛଳରେ କର୍ମୀମାନେ ଆଦିବାସୀ ଯୁବକ ଯୁବତୀଙ୍କୁ ଶିକ୍ଷା ଦେବା ଫଳରେ ସେମାନଙ୍କର ଶିକ୍ଷା ପ୍ରତି ଗୋଟାଏ ଅନୁରାଗ ଜନ୍ମିଲା । କ୍ରମେ ଦେଖାଗଲା, ପ୍ରତ୍ୟେକ ଆଦିବାସୀ ନରନାରୀ ଶିକ୍ଷା ଲାଭ କରିବାକୁ ବ୍ୟାକୁଳ ହେଲେ । ହାଣ୍ଡିଆ

—ହାଣ୍ଡିଆ—

ପିଇ ମାତାଲ ହୋଇ ଡେଇଁଥିବା ଆଦିବାସୀମାନଙ୍କୁ ନେଇ ନବୀନ ବାବୁ ଏପରି ଗୋଟାଏ ବାଟକୁ ଆଣିପାରିବେ ତାହା ସେ କଳ୍ପନା କରି ପାରି ନଥିଲେ ।

ଆଦିବାସୀମାନଙ୍କର ମନକୁ ପ୍ରକୃତ ମାର୍ଗରେ ପରିଚାଳିତ କରିବା ନିମନ୍ତେ ନବୀନ ବାବୁ ନାନା ଉପାୟ ଚିନ୍ତା କରିବାକୁ ଲାଗିଲେ । ବନଦେଶର ଶୀତଳ ଛାୟା ତଳେ ନବୀନ ବାବୁ ସମୟେ ସମୟେ ମେଳା ବସାନ୍ତି । ସରଳ ଆଦିବାସୀମାନେ ସେଦିନ ହଳବାଡ଼ି ଯିବା ବନ୍ଦ କରି ଦିଅନ୍ତି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ମନ ଅପୂର୍ବ ଆନନ୍ଦରେ ଭରି ଯାଏ । ମେଳାସ୍ଥଳ ନାନାରକମ ଫୁଲ ଓ ପତ୍ରରେ ସୁଶୋଭିତ ହୁଏ । ନାଚ ଗୀତରେ ବନ ଭୂଇଁ କମ୍ପିଉଠେ । ନବୀନ ଆଦିବାସୀମାନଙ୍କ ସଙ୍ଗେ ଖୁବ୍ ଗପସପ ହୁଅନ୍ତି । କେଉଁ ପିଲା ପିଠି ହାତମାରି ଆଉଁସି ଦିଅନ୍ତି ତ କାହା ସଙ୍ଗେ ଥଟ୍ଟା କରି ତା' ମୁଣ୍ଡରେ ଗୁଞ୍ଜା ହୋଇ ଥିବା ପକ୍ଷୀକୁ ଆଣି ନିଜ କାନରେ ମାରନ୍ତି । ନବୀନ ବାବୁଙ୍କ ଗୃହପାଖରେ ଯେତେବେଳେ ଆଦିବାସୀମାନେ ଘେରି ଯାଇ ତାଙ୍କ ସଙ୍ଗରେ ହସଖୁସିରେ ଆଳାପ କରନ୍ତି । ସେତେବେଳେ ନବୀନ ବାବୁ ସବୁ ଦୁଃଖ କୁଆଡ଼େ ଭୁଲି ଯାଆନ୍ତି । ବଣ ପାହାଡ଼ ଭଟି ଭଟି ତାଙ୍କର ଯେଉଁ ଯନ୍ତ୍ରଣା ହୋଇଥାଏ, ତାହା ଆପେ ଆପେ ଉଭେଇ ଯାଏ । କର୍ମୀମାନେ ଆନନ୍ଦରେ ଆଦିବାସୀ ଭାଇଙ୍କ ସଙ୍ଗେ ଗୋଡ଼କୁ ଗୋଡ଼ ମିଶାଇ ଯେତେବେଳେ ଯାଆନ୍ତି ସେତେବେଳେ ନବୀନବାବୁ ମନେ କରନ୍ତି ବାସ୍ତବିକ୍ ତାଙ୍କର କଳ୍ପନା ସାର୍ଥକ ହୋଇଛି । ଭେଦଭାବ ଦୂର ହେବାର ଏହା ହେଉଛି ପ୍ରଥମ ସୋପାନ ।

—ସମାପ୍ତି—

ନବୀନବାବୁ ଓ କର୍ମୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଆଦିବାସୀ ପଲ୍ଲୀରେ ନବ ଜାଗରଣ ଦେଖା ଦେଲା । ଯେଉଁମାନେ ହାଣ୍ଡିଆ ପିଇ ମାତାଲ ହୋଇ ରହୁଥିଲେ ସେମାନେ ଏବେ ପ୍ରତି ସଂଧ୍ୟାରେ ଏକାଠି ମିଶି ଗାଁ ଗଣ୍ଡାର ଭଲମନ୍ଦ ଖବର ନିଅନ୍ତି ଓ କର୍ମୀମାନଙ୍କ ନିକଟକୁ ଆସି ସେମାନଙ୍କଠାରୁ ନାନା ଉପଦେଶ ଶୁଣନ୍ତି । ହାଣ୍ଡିଆ ଛାଡ଼ିବାକୁ ପ୍ରାୟ ଅଧିକାଂଶ ଆଦିବାସୀ ବର୍ତ୍ତମାନ କୃତ ସଂକଳ୍ପ । ନୂତନ ଗୃହ, ନୂତନ ଚଳଣୀ ସବୁଥିରେ ଆଦିବାସୀ ପଲ୍ଲୀ ନୂଆ ବୋଲି ଜଣାପଡ଼େ । ନବୀନବାବୁ ଭାବନ୍ତି ବଣର ପକ୍ଷୀ କଥା କହି ପାରୁଥିଲା ବେଳେ ବଣର ମଣିଷ ବିଦ୍ୟାଶିକ୍ଷା କରିବା କିଛି ଆଶ୍ଚର୍ଯ୍ୟ ନୁହେଁ ।

ଆଦିବାସୀ ପଲ୍ଲୀର ଗୋଟିଏ ସମସ୍ୟା । ନବୀନ ଦେଖିଲେ ମହିଳା ମାନଙ୍କ ମଧ୍ୟରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ ମହିଳା କର୍ମୀଙ୍କର ଯେ ଖୁବ୍ ଆବଶ୍ୟକତା ଅଛି ଏଥିରେ ସନ୍ଦେହର ଅବକାଶ ନାହିଁ । ବର୍ତ୍ତମାନ ଯାହା କାମ ଚାଲିଛି ସେଥିରେ ଜ୍ୟୋତ୍ସ୍ନା ଦେବୀଙ୍କର ଉପସ୍ଥିତି ଯେ ନିତାନ୍ତ ଆବଶ୍ୟକ ଏହା ସେ ବିଶେଷ ଭାବେ ଅନୁଭବ କଲେ । ତେଣୁ ସେ ଜ୍ୟୋତ୍ସ୍ନା ଦେବୀଙ୍କ ନିକଟକୁ ଖଣ୍ଡେ ଚିଠି ଲେଖିଲେ ।

ଜ୍ୟୋତ୍ସ୍ନାଦେବୀ,

ଆପଣଙ୍କୁ ନ ଜଣାଇ ମୁଁ ବର୍ତ୍ତମାନ ମୟୂରଭଞ୍ଜର ଏଇ ଆଦିବାସୀ ମୁଲକରେ ସଂଗଠନ କାର୍ଯ୍ୟ ଚଳାଇଛି । କର୍ମୀମାନେ ପ୍ରାଣ ପଣେ ଲାଗିଛନ୍ତି । ଦେଖୁଛି, ଆଦିବାସୀ ମାନଙ୍କ ମନରେ ଜାଗରଣ ଆସିଛି । ଆଶାକରେ ମୋର କଳ୍ପନା ସଫଳ ହେବ । ତେବେ ଆପଣଙ୍କର ଉପସ୍ଥିତି ମୋର ଏହି କଳ୍ପନାକୁ କାର୍ଯ୍ୟକାରୀ କରିବାରେ ଆଶାତୀତ ଭାବେ ସାହାଯ୍ୟ କରିବବୋଲି

ମୋର ଧାରଣା । ବାପାଙ୍କର ଦେହ ଯଦି ସୁସ୍ଥ ଥାଏ ତେବେ ଅବିଳମ୍ବେ ଆସିବେ ।

ଆପଣଙ୍କର
ନବୀନକୁମାର

ଚିଠି ଦେବାର ଆଜକୁ ପ୍ରାୟ ପାଞ୍ଚଦିନ ହେଲାଣି । ନବୀନ ବାବୁ କର୍ମୀମାନଙ୍କ ସଙ୍ଗେ ବସି ବିଭିନ୍ନ ବିଷୟରେ କଥାବାର୍ତ୍ତା କରୁଛନ୍ତି । ଏତିକ ବେଳେ ଜଣେ ଆଦିବାସୀ ଯୁବକ ଖଣ୍ଡିଏ ଚିଠି ଆଣି ନବୀନ ବାବୁଙ୍କ ହାତରେ ଦେଲା । ନବୀନ ବାବୁ ଦେଖିଲେ ଏ ନିଶ୍ଚୟ ଜ୍ୟୋତ୍ସ୍ନା ଦେବୀଙ୍କର । ତର ତର ହୋଇ ଚିଠି ଖୋଲି ପଢ଼ିଲେ ।

ପ୍ରିୟ ନବୀନ ବାବୁ,

ବର୍ତ୍ତମାନ ବାପା ଭଲ ଅଛନ୍ତି । ଆପଣ ବର୍ତ୍ତମାନ ସମୟରେ ମୟୂରଭଞ୍ଜ ଛାଡ଼ି ଚାଲି ଆସିବା ଅନୁଚିତ ଏବଂ ଆପଣଙ୍କ ଅନୁପସ୍ଥିତିରେ ସାହିତ୍ୟସଭା ଆହ୍ୱାନ କରିବା ମୋ ପକ୍ଷରେ ଅସମ୍ଭବ ଓ ଅସୁନ୍ଦର । ତେଣୁ ଦୁଇଦିନ ଭିତରେ ମୁଁ ମୟୂରଭଞ୍ଜରେ ଯାଇ ପହଞ୍ଚୁଛି । ଠିକ୍ ସମୟରେ ମୋତେ ମୋର ଉପଯୁକ୍ତ କାର୍ଯ୍ୟ ଯୋଗାଇ ଦେଇ ଥିବାରୁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ।

ଆପଣଙ୍କର
ଜ୍ୟୋତ୍ସ୍ନା

ଚିଠି ପଢ଼ି ନବୀନ ବାବୁଙ୍କ ମନରେ ଅପାର ଆନନ୍ଦ । ଖବର ପାଇ କର୍ମୀମାନେ ଏକାବେଳକେ ଆତ୍ମହରା ହୋଇ ପଡ଼ିଲେ ।

—ଅଣସ୍ତର—

କ୍ଷଣକେ ମଧ୍ୟରେ ଆଦିବାସୀ ପଲ୍ଲୀରେ ଜ୍ୟୋତ୍ସ୍ନା ଦେବୀଙ୍କ ଆସିବା ଖବର ପହଞ୍ଚି ଗଲା । ଆଦିବାସୀ ରମଣୀମାନେ ଆନନ୍ଦରେ ନାଚିବାକୁ ଲାଗିଲେ । ସେମାନଙ୍କ ନିକଟକୁ ଯେ ଜଣେ ସ୍ତ୍ରୀ ଲୋକ ଠିକ୍ ନବୀନ ବାବୁଙ୍କ ପରି ଆସୁଛି, ଏଇ ଖବରରେ ସେମାନେ ଆତ୍ମହରା ହୋଇ ଉଠିଲେ ।

ଜ୍ୟୋତ୍ସ୍ନାର ଅଭ୍ୟର୍ଥନା ଉଦ୍ଦେଶ୍ୟରେ ଆଦିବାସୀ ଯୁବକ ଯୁବତୀ ଫୁଲ ଓ ପତ୍ରରେ ତୋରଣ ମାନ ନିର୍ମାଣ କରିବାରେ ଲାଗିଲେ । ଆଉ ମୋଟେ ଦୁଇଦିନ ପରେ ଜ୍ୟୋତ୍ସ୍ନା ଆସିବ । ଆଦିବାସୀ ପଲ୍ଲୀର ଯୁବକ ଯୁବତୀ ଅପୂର୍ବ ଆନନ୍ଦରେ ସେହି ଦିନକୁ ଅନାଇ ରହିଲେ ।

—୧୨—

ଜ୍ୟୋତ୍ସ୍ନା ଠିକ୍ ସମୟରେ ମୟୂରଭଞ୍ଜରେ ପହଞ୍ଚିଲା । କର୍ମୀ ଦୁଇଜଣ ଜ୍ୟୋତ୍ସ୍ନାକୁ ଧରି ଚାଲିଲେ ଆଦିବାସୀ ପଲ୍ଲୀକୁ ଯେଉଁଠାରେ ଶହ ଶହ ଆଦିବାସୀ ଯୁବକ ଯୁବତୀ ତାକୁ ଅନାଇ ରହିଛନ୍ତି । ବଣ, ପାହାଡ଼, ଝରଣା ଦେଇ ଜ୍ୟୋତ୍ସ୍ନା ଚାଲିଥିଲାବେଳେ ତା ମନ ଆନନ୍ଦରେ ଅଧୀର ହେଉଥାଏ । ପ୍ରକୃତି ପାଳିତ ଏହି ନୂତନ ମୁଲକକୁ ଦେଖିବାକୁ ସେ ଯେପରି ଆତ୍ମହରା ହୋଇ ଉଠୁଥାଏ ।

—ସନ୍ତୁର—

ଆଦିବାସୀ ପଲ୍ଲୀ ଅଳ୍ପ ଦୂରରେ । ଗୋଟାଏ ଛୋଟ ପାହାଡ଼ ଡେଇଁଲେ ସେହି ସେବାପୀଠ ଆଦିବାସୀ ପଲ୍ଲୀରେ ଜ୍ୟୋସ୍ନା-ପହଞ୍ଚିବ । ନେହ ତାର ପବିତ୍ର ହେବ । ମନୋବାଞ୍ଛା ପୂର୍ଣ୍ଣ ହେବ । ପ୍ରକୃତିର ଏଇ ଅମୃତ ସନ୍ତାନ ମାନଙ୍କୁ ଦେଖି ଜ୍ୟୋସ୍ନାର ସମସ୍ତ ଦୁଃଖର ଅବସାନ ହେବ । କ୍ରମେ ସୁନ୍ଦର ବାଦ୍ୟ ସଂଗୀତ ଓ ଆନନ୍ଦ ମେଳର ସୁମଟୁର ସ୍ୱର ନିକଟରୁ ନିକଟତର ହେଲା । ଜ୍ୟୋସ୍ନାର ହୃଦୟ ନାଚିବାକୁ ଆରମ୍ଭ କଲା ।

ଆଦିବାସୀ ପଲ୍ଲୀ । ଜ୍ୟୋସ୍ନା ଦେଖିଲା । ନବୀନବାବୁ ଓ କର୍ମୀମାନଙ୍କ ସହ ଶହ ଶହ ଆଦିବାସୀ ଯୁବକ ଯୁବତୀ ତାଙ୍କୁ ଅଭ୍ୟର୍ଥନା କରିବାକୁ ଆସୁଛନ୍ତି । ପୁଷ୍ପ-ପତ୍ରର ତୋରଣ ପ୍ରକୃତିର ଅପୂର୍ବ ଶୋଭାକୁ ଦ୍ୱିଗୁଣିତ କରୁଛି । ଚାରିଆଡ଼େ ଆନନ୍ଦର ଲହରୀ । ଆଦିବାସୀ ବାଦ୍ୟ ସଙ୍ଗୀତରେ ଗଗନମଣ୍ଡଳ ଉଚ୍ଛୁଳି ଉଠୁଛି ॥

ଆନନ୍ଦର ଆଧିକ୍ୟରେ ଜ୍ୟୋସ୍ନା ଦେହରେ ଶିହରଣ ଖେଳିଗଲା । ସେ ସମସ୍ତଙ୍କୁ ଅନାଇ ଦୁଇ ହାତ ଯୋଡ଼ିଲା । ବିରାଟ ପଟୁଆରରେ ଜ୍ୟୋସ୍ନା ଆଦିବାସୀ ପଲ୍ଲୀରେ ଗଲାବେଳେ ମନେ ମନେ ଭାବୁଥିଲା ବଣ ଜଙ୍ଗଲରେ ମଣିଷ ନିଜକୁ ସଭ୍ୟ କରି ନେଇପାରେ ?

ଅଳ୍ପଦିନ ମଧ୍ୟରେ ଜ୍ୟୋସ୍ନା ଆଦିବାସୀ ତରୁଣୀମାନଙ୍କ ମଧ୍ୟରେ ଅପୂର୍ବ ଜାଗରଣ ଆଣିଦେଲା । ଆଦିବାସୀ ରମଣୀମାନଙ୍କ ସଙ୍ଗେ ମିଶି ସେ ଯେତେବେଳେ ସବୁଜ ବନର ଅପୂର୍ବ ଶୋଭା ସଙ୍ଗେ ଶସ୍ୟକ୍ଷେତ୍ରର ମନଲୋଭା ଦୃଶ୍ୟ ଦେଖେ

—ଏକସ୍ତ୍ରିଶ—

ସେତେବେଳେ ସେ ତନ୍ମୟ ହୋଇ ଉଠେ । ନିଜକୁ ପ୍ରକୃତି ସଙ୍ଗେ ଏକାବେଳେକେ ମିଶାଇ ଦେବାକୁ ମନ ଡାକେ ।

ନବୀନ ବାବୁ, ଜ୍ୟୋତ୍ସ୍ନା ଦେବୀ ଓ କର୍ମୀମାନେ ବର୍ତ୍ତମାନ ଖୁବ୍ ଉତ୍ଫୁଲ୍ଲ । ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହେବ । ସେଥିରେ ସମସ୍ତେ ମନପ୍ରାଣ ଢାଳିଦେଲେ । ଜ୍ୟୋତ୍ସ୍ନା ଦେବୀ ଓ ନବୀନ ବାବୁଙ୍କୁ ଆଉ ଭୋକ ଶୋଷ ହେଉ ନାହିଁ । ଗାଁ ଗାଁ ବୁଲି ଅବସ୍ଥା ଦେଖିଲେ । କଠୋର ପରିଶ୍ରମ ମଧ୍ୟରେ ପ୍ରକୃତିର ନବ ନବ ରୂପ ପରିଦର୍ଶନ କରି ଓ ସରଳ ଆଦିବାସୀ ସନ୍ତାନମାନଙ୍କର ସୌହାର୍ଦ୍ଦ୍ୟ ଲାଭ କରି ସେମାନଙ୍କୁ ଆଉ ପରିଶ୍ରମ ବାଧୁଲା ନାହିଁ । ଅପୂର୍ବ ଉତ୍ସାହରେ କାର୍ଯ୍ୟ ଆଗେଇବାକୁ ଲାଗିଲା ।

ଆଦିବାସୀ ମୂଳକରେ କାର୍ଯ୍ୟ ଯଥେଷ୍ଟ ଆଗେଇଲା ସତ ମାତ୍ର ଅଳ୍ପଦିନ ପରେ ନବୀନ ବାବୁ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇପଡ଼ିଲେ । ବହୁ ପରିଶ୍ରମ କରି କରି ତାଙ୍କୁ ଯେଉଁ ବାଧା ହୋଇଥିଲା, ତାର ଫଳ ନବୀନ ବାବୁଙ୍କୁ ଭୋଗିବାକୁ ପଡ଼ିଲା । ତଥାପି ନବୀନବାବୁଙ୍କର ଉତ୍ସାହ ଊଣା ପଡ଼ିନି । ତାଙ୍କର ଅସୁସ୍ଥତାରେ ଅଧୀର ନ ହୋଇ ଆଦିବାସୀମାନଙ୍କ ସେବାରେ ନିଜର ଦୁଃଖ ଭୁଲିଯିବାକୁ ସେ କର୍ମୀମାନଙ୍କୁ ବୁଝାଉଥାନ୍ତି ।

ନବୀନବାବୁଙ୍କର ଅସୁସ୍ଥତା ନେଇ କ୍ରମେ ଗୃହ ଅଞ୍ଚଳ ଚହଲି ପଡ଼ିଗଲା । ଶହ ଶହ ଆଦିବାସୀ ଭାଇ ଭଉଣୀ ତାଙ୍କୁ ଦେଖିବାକୁ ଆସିଲେ । ରୋଗ ଶଯ୍ୟାରେ ପଡ଼ି ନବୀନ ବାବୁ ଖାଲି କହୁଥାନ୍ତି "ତୁମ୍ଭେମାନେ ଯାଅ । ନିଜ କାର୍ଯ୍ୟରେ ଲାଗ । ମୁଁ ଶୀଘ୍ର ଭଲ ହୋଇଯିବି ।" କିନ୍ତୁ ସେମାନଙ୍କର ମନ ବୁଝୁନି ।

—ବାସ୍ତବ—

ଜ୍ୟୋତ୍ସ୍ନା ହତୋତ୍ସାହ ନ ହୋଇ କର୍ମୀମାନଙ୍କୁ ସେବା କାର୍ଯ୍ୟରେ ବାଧା ନ ଘଟାଇବାକୁ ପରାମର୍ଶ ଦେଉଥାଏ । କର୍ମୀମାନେ କାର୍ଯ୍ୟକ୍ଷେତ୍ରକୁ ଗଲେ ମଧ୍ୟ ସେମାନଙ୍କ ଅନ୍ତରରେ ଗୋଟାଏ ଦାରୁଣ ଆଘାତ ଲାଗିଥାଏ ।

କ୍ରମେ ନବୀନବାବୁଙ୍କ ଜ୍ୱର ବଢ଼ିଲା । ଦେହ ତାଙ୍କର ଶୀର୍ଣ୍ଣ ହେବାକୁ ଲାଗିଲା । ଜ୍ୟୋତ୍ସ୍ନା ଏଣିକି ବରାବର ନବୀନ ବାବୁଙ୍କ ପାଖରେ ରହୁଥାଏ । ଦୁଇଜଣ କର୍ମୀଙ୍କୁ ଛାଡ଼ିଦେଲେ ବାକି ସମସ୍ତେ କାର୍ଯ୍ୟରେ ବ୍ୟସ୍ତ । ତଥାପି ଜ୍ୟୋତ୍ସ୍ନା ମନରେ ସାହସ ଥାଏ । ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥାଏ । ଯାହା କିଛି ଔଷଧ ସାଙ୍ଗରେ ଆଣିଥିଲା ତାହା ପ୍ରୟୋଗ କରି ଫଳ ଲକ୍ଷ୍ୟ କରୁଥାଏ ।

ନବୀନ ବାବୁଙ୍କର ସେବା କରି କରି ଜ୍ୟୋତ୍ସ୍ନା ଟିକିଏ ଦୁର୍ବଳ ହୋଇ ପଡ଼ିଲାଣି । ସେ ତାର କର୍ତ୍ତବ୍ୟରେ ତ୍ରୁଟି କରୁନାହିଁ । ଦିନରାତି ଅନିଦ୍ରା ହୋଇ ହୋଇ ତାର ଆଖି ଫୁଲି ଫୁଲି ଗଲାଣି । ସୁନ୍ଦର ମୁଖମଣ୍ଡଳ ପାଣ୍ଡୁରବର୍ଣ୍ଣ ଧାରଣ କଲାଣି । ତଥାପି କର୍ତ୍ତବ୍ୟରେ ଅଟଳ । ଶହ ଶହ ଆଦିବାସୀ ସେମାନଙ୍କ ବଣର ଦେବତାଙ୍କ ନିକଟରେ ନାନା ଫଳ ମୂଳ ନବୀନ ବାବୁଙ୍କ ଉଦ୍ଦେଶ୍ୟରେ ଭୋଗକରି ଯେତେବେଳେ ପ୍ରସାଦ ଧରି ଆସନ୍ତି ସେତେବେଳେ ଜ୍ୟୋତ୍ସ୍ନା କହେ, "ଯାଅ ତୁମ୍ଭେମାନେ ସେହି ଭଗବାନଙ୍କୁ ଗଛମୂଳେ କମ୍ବା ପାହାଡ଼ ତଳେ ମୁଣ୍ଡିଆ ମାର । ସେ ଆମର ଗୁହାରୀ ଶୁଣିବେ ।"

ରାତିରେ ଜ୍ୟୋତ୍ସ୍ନା ନବୀନ ବାବୁଙ୍କ ମୁଣ୍ଡରେ ପାଣିକନା ଦେଉଛି । କର୍ମୀ ଦୁଇଜଣ ହାଲିଆ ହୋଇ ଟିକିଏ

ଶୋଇ ପଡ଼ିଛନ୍ତି, ଏତିକବେଳେ ଆଦିବାସୀମାନଙ୍କର ଏକ ବାଦ୍ୟ ସଂଗୀତ ଶୁଣାଗଲା । ଦୂରରୁ ପବନର ତାଲେ ତାଲେ ଏହି ସଂଗୀତ ଭାସି ଆସିଲା । ଜ୍ୟୋତ୍ସ୍ନା ଆଶ୍ଚର୍ଯ୍ୟ ହେଲା । ରାତିରେ ଏପରି ବାଦ୍ୟ ସଂଗୀତର କାରଣ କ'ଣ ? ସେ କର୍ମୀ ଦୁଇଜଣଙ୍କୁ ଉଠାଇଲା । କର୍ମୀମାନେ କାନ ଡେରିଲେ । ଶୁଣିଲେ ସୁନ୍ଦର ବାଦ୍ୟ ସଂଗୀତ ପବନର ହିଲ୍ଲୋଳରେ ଭାସି ଆସୁଛି । ଆଜି ଚାରିଆଡ଼େ ନାନା ଜାତିକା ଫୁଲର ବାସ ଚହଟୁଛି । କର୍ମୀମାନେ କହିଲେ, "ଜ୍ୟୋତ୍ସ୍ନା ଦେବୀ, ଏ ହେଉଛି ଆଦିବାସୀମାନଙ୍କର ଦେବତା ନିକଟରେ ପୂଜାର ବାଜା । ସେମାନେ ବୋଧହୁଏ ନବୀନ ବାବୁଙ୍କ ଆରୋଗ୍ୟ ଲାଭ ନିମନ୍ତେ ସେମାନଙ୍କର ଦେବତା ନିକଟରେ ପ୍ରାର୍ଥନା କରୁଛନ୍ତି ।"

"ହୋଇପାରେ, ସେମାନେ ବି ମଣିଷ !" ଜ୍ୟୋତ୍ସ୍ନା ହୃଦୟ ବିସ୍ମୟରେ ପୂରିଗଲା । ସେ ଭାବିଲା, ଚିର ଅବହେଳିତ ଏଇ ସରଳ ଆଦିବାସୀମାନଙ୍କର କି ନିଷ୍କପଟ ହୃଦୟ ! ବାସ୍ତବିକ ଏଇମାନେ ହିଁ ପ୍ରକୃତିର ସନ୍ତାନ । ସେ ଆଜି ବେଶି ସମୟ ବସି ପାରିଲାନାହିଁ । କର୍ମୀ ଦୁଇଜଣଙ୍କୁ ଟିକେ ଚାହିଁ ରହିବାକୁ ଅନୁରୋଧ କରି ନିଜେ ଟିକିଏ ବିଶ୍ରାମ ନେଲା । ଚାହୁଁ ଚାହୁଁ ତା ଆଖି ବନ୍ଦ ହୋଇଗଲା ।

ସେଦିନ ରାତି ପାହିଲା । ବନଭୂମି ପକ୍ଷୀମାନଙ୍କର ମନୋରମ ଧ୍ୱନିରେ ପୂରି ଉଠିଲା । ଜ୍ୟୋତ୍ସ୍ନା ଦେଖିଲା ନବୀନବାବୁ ବାହାରକୁ ଯାଇ ବାରଣ୍ଡାରେ ଧୀରେ ଧୀରେ ପଦଚାରଣ କରୁଛନ୍ତି । ହଠାତ୍ ଜ୍ୟୋତ୍ସ୍ନା ଶେଯ ଛାଡ଼ି ନବୀନବାବୁଙ୍କୁ ଧରିପକାଇ ଆବେଗଭରା କଣ୍ଠରେ କହିଲା, "ନବୀନବାବୁ, ଏ କଣ ? ଆପଣ ମୋତେ ନ ଉଠାଇ ଏପରି ବୁଲିବାର

କାରଣ କଣ ? ଭଗବାନଙ୍କ କୃପାରୁ ଆଜ ଆପଣ ଆରୋଗ୍ୟ ଲାଭ କରୁଛନ୍ତି । କିନ୍ତୁ ଜ୍ୱର ଯଦି ପୁଣି ଲେଉଟେ ? ଆସନ୍ତୁ ଘର ଭିତରକୁ ।"

ଜ୍ୟୋତ୍ସ୍ନା ନବୀନବାବୁଙ୍କୁ ଆଣି ଘର ଭିତରେ ବସାଇଲା । ମନରେ ତାର ଅପୂର୍ବ ଆନନ୍ଦ । ସେ ଆନନ୍ଦରେ ଅଧୀରହୋଇ କର୍ମୀ ଦୁଇଜଣଙ୍କୁ ଡାକପକାଇଲା । କର୍ମୀ ଦୁଇଜଣ ଯେତେବେଳେ ଉଠିଲେ । ସେମାନେ ଦେଖିଲେ ନବୀନବାବୁଙ୍କୁ ଆଜ ସଙ୍ଗେ ଜ୍ୱର ନାହିଁ । ଜ୍ୟୋତ୍ସ୍ନା ସେମାନଙ୍କୁ ଅନାଇ କହିଲା, "ବୁଝିଲ, ଭଗବାନ ଆମ ଡାକ ଶୁଣିଲେ ନାହିଁ । ମାତ୍ର ଏଇ ସରଳ ଆଦିବାସୀଙ୍କ ପୂଜାର ଫଳ ବୋଧହୁଏ ଆମେ ବର୍ତ୍ତମାନ ଭୋଗ କରୁଛେ ।"

କର୍ମୀ ଦୁଇଜଣ ଖାଲି ଟିକିଏ ହସି ଦେଲେ ଏବଂ ସାଙ୍ଗେ ସାଙ୍ଗେ ଏ ଖବର ଅନ୍ୟାନ୍ୟ କର୍ମୀଙ୍କୁ ଦେବା ନିମନ୍ତେ ଚାଲିଗଲେ ।

ତା'ପରେ ନବୀନବାବୁ ଦିନକୁ ଦିନ ସୁସ୍ଥ ବୋଧକଲେ । ଶହ ଶହ ଆଦିବାସୀ ନରନାରୀ ତାଙ୍କୁ ଦେଖିବାକୁ ଆସିଲେ । କର୍ମୀ ପରେ କର୍ମୀ ଆସି ଦେଖିଗଲେ । ତଥାପି ଜ୍ୟୋତ୍ସ୍ନା ଓ ଆଉ ଦୁଇଜଣ କର୍ମୀ ନବୀନ ବାବୁଙ୍କ ସେବାରେ ଲାଗିଥାନ୍ତି । ଔଷଧ ଓ ପଥ୍ୟ ଏବେ ସୁଦ୍ଧା ଜ୍ୟୋତ୍ସ୍ନା ନିଜ ହାତରେ ଦେଉଛନ୍ତି । କ୍ରମେ ନବୀନ ବାବୁଙ୍କର ଦୁର୍ବଳତା ଲୋପ ପାଉଛି । ତଥାପି ପୂର୍ବ ସ୍ୱାସ୍ଥ୍ୟ ଫେରି ଆସିବାକୁ ଆଉ କେତେଦିନ ଲାଗିପାରେ ।

ଅର୍ଦ୍ଧରାତ୍ରି । ଆଲୁଅମର ଶବ୍ଦ ଶୁଣି ଜ୍ୟୋତ୍ସ୍ନା ଉଠିଲା । ଦୁଇଜଣଯାକ କର୍ମୀ ନିଘୋଡ଼ ନିଦରେ ଶୋଇଛନ୍ତି । ନବୀନ

ବାବୁ ପାଖ ଘରେ ଆରାମରେ ଶୋଇଚନ୍ତି । ତଥାପି ଔଷଧ ଖିଆ ଚାଲିଛି । ଜ୍ୟୋତ୍ସ୍ନା ହାତରେ ଔଷଧ ଧରି ନବୀନବାବୁଙ୍କ ନିକଟକୁ ଗଲା । ଲ୍ୟାମ୍ପଟିକୁ ଟିକିଏ ତେଜକଦେଲା । ଘର ସଙ୍ଗେ ସଙ୍ଗେ ଆଲୋକିତ ହୋଇଗଲା । ତା ପରେ ଜ୍ୟୋତ୍ସ୍ନା ଦେଖିଲା ନବୀନ ବାବୁଙ୍କ ମୁଖଶ୍ରୀ ଆଲୋକରେ ଝଲ ଉଠୁଛି । ସୁନ୍ଦର ମୁଖରୁ ଜ୍ୱରର ମଳିନତା କୁଆଡ଼େ ଲିଭିଗଲାଣି । ତାଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଗଲା । ସେ ଅପଲକ ଦୃଷ୍ଟିରେ ତାଙ୍କର ସୁନ୍ଦର ମୁଖମଣ୍ଡଳକୁ ଚାହିଁ ରହିଲା । ଏତିକି ବେଳେ ନବୀନବାବୁ ଚମକି ପଡ଼ିଲେ । ତା ପରେ ଜ୍ୟୋତ୍ସ୍ନାକୁ ଦେଖି କହିଲେ, "କିଏ ଜ୍ୟୋତ୍ସ୍ନା ? ହଠାତ୍ ଆଲୁଅ ପଡ଼ିବାରୁ ବୋଧହୁଏ ଚମକି ପଡ଼ିଲି ।" ଜ୍ୟୋତ୍ସ୍ନା ମଧ୍ୟ ସଙ୍ଗେ ସଙ୍ଗେ ଚମକି ପଡ଼ିଲା । କର୍ମୀ ଦୁଇଜଣ ପାଖଘରୁ ଦୌଡ଼ି ଆସିଲେ । ଦେଖିଲେ ସବୁ ଠିକ୍ ଅଛି । ପୁଣି ଯାଇ ନିଘୋଡ଼ ନିଦରେ ଶୋଇଲେ । ଜ୍ୟୋତ୍ସ୍ନା ଔଷଧ ଗ୍ଲାସର ଔଷଧ ନବୀନ ବାବୁଙ୍କ ମୁହଁରେ ଢାଳିଲା ।

ତା ପରେ ନବୀନ ବାବୁ କହିଲେ, "ହଉ ତେବେ ଆପଣ ଯାଆନ୍ତୁ । ମୋ' ଲାଗି ଆପଣ ବହୁତ କଷ୍ଟ ପାଇଲେଣି ।"

"କଷ୍ଟ ! ଆପଣଙ୍କ ସେବାକରି ମୁଁ ଆଜ ଧନ୍ୟ । ଆପଣ ଚମକି ପଡ଼ିବାରୁ ମୋ ମନ କାହିଁକି ଭଲ ଲାଗୁନାହିଁ । ଆପଣ ଶୁଅନ୍ତୁ, ମୁଁ ଏଇଠି ବସିଛି ।"

"ସାରା ରାତି ଆପଣ ବସିବେ, ଆଉ ମୁଁ ଶୋଇବି ? ନା ଆପଣ ଯାଆନ୍ତୁ, ମୋର ଅନୁରୋଧ ରକ୍ଷା କରନ୍ତୁ ।"

"ନା ମୁଁ ଆପଣଙ୍କ ଅନୁରୋଧ ରକ୍ଷାକରି ପାରିବି ନାହିଁ । ମୋତେ ବଳାନ୍ତୁ ନାହିଁ ।"

—ଛଅସ୍ତରୀ—

ନବୀନ ବାବୁ ଶୋଇ ରହିଲେ । ଜ୍ୟୋତ୍ସ୍ନା ନବୀନ ବାବୁଙ୍କ ମୁଣ୍ଡ ଉପରକୁ ବସି ତାଙ୍କର ମୁଣ୍ଡ ଆଉଁଷିବାକୁ ଲାଗିଲା । ନବୀନ ବାବୁ କହିଲେ, "ଜ୍ୟୋତ୍ସ୍ନା ଦେବୀ, ବାସ୍ତବିକ୍ ଆପଣ ଚନ୍ଦ୍ରଠାରୁ ଅଧିକ ଶୁଭ୍ର ଓ ସୂର୍ଯ୍ୟଠାରୁ ଅଧିକ ନିର୍ମଳ । ଆପଣଙ୍କ ସେବାର ମୂଲ୍ୟ ମୁଁ ଦେବାକୁ ଏକାବେଳକେ ଅକ୍ଷମ । ମୁଁ ଚିରଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ।"

ବାହାରେ ନିର୍ମଳ ଚନ୍ଦ୍ର କିରଣ । ସମୀରଣ ଧୀରେ ଧୀରେ ବହୁଛି । ବିଭିନ୍ନ ପୁଷ୍ପର ଗନ୍ଧ ଚତୁର୍ଦ୍ଦିଗରେ ଖେଳିବୁଲୁଛି । ନବୀନ ବାବୁଙ୍କ କଥା ଶୁଣି ଜ୍ୟୋତ୍ସ୍ନା ଆଉ କିଛି କହି ପାରିଲା ନାହିଁ । ହାତ ତାର ଖାଲି ନବୀନ ବାବୁଙ୍କ ମୁଣ୍ଡ ଉପରେ ଚାଲିବାକୁ ଲାଗିଲା । ନବୀନ ବାବୁ ହସ୍ତର ଉଷ୍ଣତା ଅନୁଭବ କରି ପାରିଲେ । ତାଙ୍କ ହୃଦୟରେ ଏକ ଅଜଣା ଶିହରଣ ଖେଳିଗଲା । ସେ ଉଠି ବସି ଜ୍ୟୋତ୍ସ୍ନା ମୁହଁକୁ ଚାହିଁଲେ । ଜ୍ୟୋତ୍ସ୍ନା ଦେବୀଙ୍କର ହସ ହସ ମୁହଁରେ ସେ ଦେଖିଲେ ଏକ ନୂତନ ଇଙ୍ଗିତ । ସେ ନିବିଡ଼ ଭାବରେ ଜ୍ୟୋତ୍ସ୍ନା ଦେବୀଙ୍କୁ ଆଲିଙ୍ଗନ କରିବାକୁ ଲାଗିଲେ । ସାରା ଦେହର ଶିହରଣ । ଜ୍ୟୋତ୍ସ୍ନା ଲତାଟିଏ ଭଳି ନବୀନ ବାବୁଙ୍କ କୋଳକୁ ଆଉଜି ପଡ଼ିଲା । ଲ୍ୟାମ୍ପ ଆଲୋକ ଘରଟାକୁ ଅଧିକ ଉଜ୍ଜ୍ୱଳ କରିଦେଲା ।

—ସମାପ୍ତ—

— ୧୩ —

ପାଞ୍ଚଦିନ ପରେ । ନବୀନ ବାବୁ ଓ ଜ୍ୟୋସ୍ନାଦେବୀ ବସିଛନ୍ତି । ଜଣେ ଆଦିବାସୀ ଯୁବକ ଖଣ୍ଡେ ଚିଠି ଆଣି ଜ୍ୟୋସ୍ନା-ଦେବୀଙ୍କ ହାତକୁ ବଢ଼ାଇ ଦେଲା । ଜ୍ୟୋସ୍ନା ତର ତର ହୋଇ ଚିଠିଟି ଖୋଲିଲା ।

ଆୟୁଷ୍ମତୀ ଜ୍ୟୋସ୍ନା,

ବହୁଦିନ ହେଲା ତୋ ଠାରୁ ପତ୍ର ନ ପାଇ ମନ ମୋର ବଡ଼ ଅଥୟ ହେଉଛି । ଦେହ ମୋର ଭଲ ଅଛି । ଆଉ କେତେ-ଦିନ ତୁ ଅବିବାହିତ ହୋଇ ରହିବୁ ? ମୋର ବି ଆସି ଶେଷକାଳ ହେଲା । ମୋର କର୍ତ୍ତବ୍ୟ ଶେଷ କଲେ ମୁଁ ଆଶ୍ୱସ୍ତ ହେବ । ତୋର ବିବାହ ଆସନ୍ତା ଦଶଦିନ ଠାରେ । ଉପଯୁକ୍ତ ପାତ୍ରଟିଏ ତୋ ପାଇଁ ଠିକ୍ କରିଛି । ତୁ ଶୀଘ୍ର ଆ । ତୋର କୌଣସି କଥା ମୁଁ ଆଉ ଶୁଣିବାକୁ ପ୍ରସ୍ତୁତ ନହେଁ । ଏହାକୁ ଅତି ଜରୁରୀ ମନେ କରି ଶୀଘ୍ର ଆସିବୁ ।

ତୋର
ବାପା

— ଅଠସ୍ତରୀ —

ଜ୍ୟୋତ୍ସ୍ନା ଚିଠି ଖଣ୍ଡି ପଢ଼ି ମନେ ମନେ ହସିଲା । ତା ପରେ ଚିଠିଟି ନବୀନ ବାବୁଙ୍କ ହାତକୁ ବଢ଼ାଇ ଦେଲା । ନବୀନବାବୁ ଚିଠିଟି ପଢ଼ିଲେ । ତାଙ୍କ ମୁଖରେ ହସଟିଏ ଖେଳିଗଲା । ସେ ହସି ହସି କହିଲେ, "ଆଉ ବିଳମ୍ବ କାହିଁକି ? ଏଥର ବଦାୟ ସମୟ ଘାଖେଇ ଆସିଲା ।"

ଜ୍ୟୋତ୍ସ୍ନା ଦରସ୍ମିତ ବଦନରେ କହିଲା, "ଆପଣଙ୍କୁ ମୁଁ କଣ ଅଡୁଆ ହୋଇଛି ?"

"ନାଁ ମୋତେ ନୁହେଁ ଯେ ନିଜକୁ ।" ନବୀନ ବାବୁ ଅଛା କଲା ଭଳି କହିଲେ ।

ଜ୍ୟୋତ୍ସ୍ନା ଫଟେଗ ଫଗେ ଘରର ଆର ଗୋଟାଏ ପାଖକୁ ଯାଇ ଚିଠି ଲେଖିବା ଆରମ୍ଭ କଲା । ମନରେ ତାର ଅସରନ୍ତି ଆନନ୍ଦ ।

ମାନନୀୟ ବାପା,

ଆପଣଙ୍କ ପତ୍ରରୁ ସବୁ ବୁଝିଲି । ଆପଣ ମୋ ବିବାହ ଦିନ ଠିକ୍ କରିଥିବାରୁ ଖୁସି ହେଲି । ମାତ୍ର ମୁଁ ଯଦି ଆପଣଙ୍କୁ କିଛି ଗୋଟାଏ ନୂଆ କଥା ମୋ ବିବାହ ବିଷୟରେ କହେ ତେବେ ଆପଣ ମୋ ଉପରେ ବିରକ୍ତ ହେବେ ନାହିଁ ବୋଲି ବିଶ୍ୱାସ କରେ ।

ଆପଣ ନବୀନ ବାବୁଙ୍କୁ ଜାଣନ୍ତି । ଜୀବନ ସାରା ଦେଶ-ସେବାରେ ସେ ଦିନ କଟାଇବାକୁ ଇଚ୍ଛା କରନ୍ତି । ମୋର ହୃଦୟରେ ମୁଁ ତାଙ୍କୁ ବହୁ ଦିନରୁ ସ୍ଥାନ ଦେଇ ସାରିଛି । ଆଶା ମୋର ଧୃଷ୍ଟତା ମାର୍ଜନା କରିବେ । ଆପଣ ଠିକ୍ କରିଥିବା

ବିବାହ ଦିବସରେ ଆପଣ ଏଇ ଆଦିବାସୀ ପଲ୍ଲୀକୁ ଆସି ମୋର ବିବାହ କାର୍ଯ୍ୟ ସମାପନ କରନ୍ତୁ । ଆପଣଙ୍କୁ ଆଣିବା ନିମନ୍ତେ ଦୁଇ ଜଣ କର୍ମୀ ପଠାଇଲି । ଇତି ।

ଆପଣଙ୍କର
ସ୍ନେହାଧୀନା
ଜ୍ୟୋସ୍ନା

ଚିଠିଟି ଲେଖିସାରି ଜ୍ୟୋସ୍ନା ନବୀନ ବାବୁଙ୍କ ହାତକୁ ବଢ଼ାଇ ଦେଇ ଲଜ୍ଜାରେ ମୁହଁକୁ ତଳକୁ ପୋତି-ଦେଲା । ଚିଠିଟି ପଢ଼ିସାରି ନବୀନ ବାବୁ ତାହା ଜ୍ୟୋସ୍ନା ଆଡ଼କୁ ପକାଇ ଦେଲେ । ଦୁଇଜଣ ଯାକ ପରସ୍ପରକୁ ଟିକଏ ଚାହିଁଲେ । ଦୁହିଁଙ୍କ ମନରେ ଉଚ୍ଛୁଳା ଆନନ୍ଦ ।

ଚିଠିଟି ସଙ୍ଗେ ସଙ୍ଗେ ଡାକରେ ପଡ଼ିଲା । ପଲ୍ଲୀରେ ଏ ନୂତନ ଖବର ଚାରିଆଡ଼େ ଖେଳିଗଲା । କର୍ମୀ ମାନଙ୍କ ମନରେ ଅପୂର୍ବ ଆନନ୍ଦ । ସରଳ ଆଦିବାସୀମାନେ ଏପରି ଏକ ନୂତନ ଖବର ପାଇ ଉତ୍ଫୁଲ୍ଲ ହେଲେ ଓ ବିବାହ ଦିବସକୁ ଅନାଇ ରହିଲେ ।

ବୃଦ୍ଧ ନୀଳକଣ୍ଠ ଜ୍ୟୋସ୍ନାର ଚିଠିଟି ପାଇ ପ୍ରଥମେ ଟିକଏ ବିରକ୍ତ ହେଲେ । ତା ପରେ ତାଙ୍କ ହୃଦୟ ଅପୂର୍ବ ଆନନ୍ଦରେ ନାଚିଗଲା । ନବୀନ ଯୋଗ୍ୟ ଓ ସୁନ୍ଦର ଯୁବକ । ଜ୍ୟୋସ୍ନା ଯଦି ତାର ଜୀବନ ଏପରି ଏକ ସତ୍ୟନିଷ୍ଠ ଯୁବକ ନିକଟରେ ବିତାଇବାକୁ ଚାହେଁ ତେବେ ନୀଳକଣ୍ଠ ସେଥିରେ ବାଧାଦେବେ କାହିଁକି ? ସଙ୍ଗେ ସଙ୍ଗେ ସେ ଏହି ଖବର ସମସ୍ତଙ୍କୁ ଜଣାଇ ଦେଲେ । ଘରର ବାହାର ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ

କହୁଥିଲେ । ପୂର୍ବରୁ ଠିକ୍ କରିଥିବା ବରପିତାଙ୍କ ନିକଟକୁ କ୍ଷମା ପ୍ରାର୍ଥନା ମାଗି ଜ୍ୟୋତ୍ସ୍ନାର ଅଭିପ୍ରାୟ ଜଣାଇ ଦେଲେ ।

ଗୃହକର ଗୃହକର୍ତ୍ତୀ ସମସ୍ତଙ୍କ ମନରେ ବିପୁଳ ଆନନ୍ଦ । ଖାଲି ମୟୂରଭଞ୍ଜ ଯିବାକୁ ଅପେକ୍ଷା କରି ରହିଲେ ।

× × × ×

ବିବାହ ଆଉ ମୋଟେ ଦୁଇଦିନ ରହିଲା । ଆଦିବାସୀ ପଲ୍ଲୀରେ ଆନନ୍ଦ କହିଲେ ନ ସରେ । ସାଜସଜ୍ଜାରେ ବନଭୂମି ଖାଲି ହସି ଉଠୁଛି । ବିଭିନ୍ନ ପତ୍ର ଫୁଲରେ ବେଦୀ ଅପୂର୍ବ ଶୋଭା ଧାରଣ କରିଛି ।

ବୃଦ୍ଧ ନୀଳକଣ୍ଠ ଗୃହକର ଗୃହକର୍ତ୍ତୀମାନଙ୍କ ଗହଣରେ ଆଦିବାସୀ ପଲ୍ଲୀରେ ପହଞ୍ଚିଲେ । କର୍ମୀ ଦୁଇଜଣ ସାଙ୍ଗରେ । ନବୀନ ବୃଦ୍ଧ ନୀଳକଣ୍ଠଙ୍କୁ ସାଦରରେ ପାଛୋଟି ନେଲେ । ବୃଦ୍ଧଙ୍କ ମୁଖ ଆନନ୍ଦରେ ଉଜ୍ଜ୍ୱଳ ଦିଶୁଥାଏ । ପ୍ରାକୃତିକ ଶୋଭା ନିରୀକ୍ଷଣ କରୁ କରୁ ବୃଦ୍ଧ ତନ୍ମୟ ହୋଇ ପଡ଼ିଲେ ।

× × × ×

ଆଜି ବିବାହ ଦିବସ । ଶହ ଶହ ଆଦିବାସୀ ଯୁବକ ଯୁବତୀ ନୂତନ ବେଶରେ ସୁସଜ୍ଜିତ । ଫୁଲ ପତ୍ରରେ ଦେହ ତାଙ୍କର ଭର୍ତ୍ତି । ମସ୍ତକରେ ନାନା ରଙ୍ଗର ପକ୍ଷୀ । ବିଭିନ୍ନ ବାଦ୍ୟରେ ବନଭୂମି ପ୍ରକମ୍ପିତ ହେଉଛି ।

ନବୀନ ଓ ଜ୍ୟୋତ୍ସ୍ନାର ହୃଦୟ ଅପୂର୍ବ ଆନନ୍ଦରେ ଆପ୍ଲୁତ । କ୍ରମେ ବର କନ୍ୟା ବେଦୀକୁ ଗଲେ, ବୃଦ୍ଧ ନୀଳକଣ୍ଠ ହର୍ଷ ଗଦ ଗଦ୍ ଚିତ୍ତରେ ଖାଲି ଇତଃସ୍ତତଃ ବୁଲୁଥାନ୍ତି । କର୍ମୀମାନେ ନାନା କାର୍ଯ୍ୟରେ ବ୍ୟସ୍ତ । ତେଣେ ହାସ୍ୟମୟୀ ଆଦିବାସୀ ଯୁବତୀଙ୍କ ସହ ତାଳ ମିଳାଇ ଆଦିବାସୀ ଯୁବକ ଗଣ ନୃତ୍ୟରତ । ବିଭିନ୍ନ

ବାଣର ଶବ୍ଦରେ ବନଭୂମି କମ୍ପୁଛି । ପୁରୋହିତ ମନ୍ତ୍ର ଉଚ୍ଚାରଣ କରି ଚାଲିଛନ୍ତି । ଗୃହରମଣୀମାନଙ୍କର ହୁଳହୁଳି ଧ୍ୱନିରେ ବନଭୂଇଁ ଉଚ୍ଛୁଳି ଉଠୁଛି ।

× × × ×

ଏତିକି ବେଳେ କମଳଲୋଚନ ଶୋଇବା ଘରେ ବସି ବହି ଖଣ୍ଡେ ପଢୁଛନ୍ତି । ଏକା ବେଳକେ ଗମ୍ଭୀର । ବହି ଭିତରେ ସେ ସମସ୍ତ ଦୁନିଆକୁ ଭୁଲି ଯାଇଛନ୍ତି । ଆଜି ଭୁଲି ଯାଇଛନ୍ତି ଅତୀତର ସବୁ ସ୍ମୃତି ।

ହଠାତ୍ ଜଣେ ଚାକର ଖଣ୍ଡେ ଲାଲ ବର୍ଣ୍ଣର କାର୍ଡ଼ ଆଣି କମଳଲୋଚନଙ୍କ ପାଖ ଟେବୁଲ ଉପରେ ରଖାଇ ଦେଇ ଚାଲି-ଗଲା । ଆଜି ସ୍କୁଲ ଛୁଟି ଥିବାରୁ କମଳଲୋଚନ ସ୍କୁଲକୁ ନଯାଇ ପଢ଼ିବାରେ ବ୍ୟସ୍ତ । କ୍ଷଣକ ପରେ ତାଙ୍କର ମନେ ପଡ଼ିଲା । ଦେଖିଲେ ଟେବୁଲ ଉପରେ ଗୋଟିଏ ନିମନ୍ତ୍ରଣ ପତ୍ର ।

—ରଘୁଆଣୀ—

ନିମନ୍ତ୍ରଣ ପତ୍ରଟି ପଢ଼ି ଜାଣିଲେ ଯେ ଆଜ ଜ୍ୟୋତ୍ସ୍ନାର ବିବାହ । ପୁଣି ଠିକ୍ ଏତିକି ବେଳେ ହେଉଥିବ । ପୂର୍ବର କାହାଣୀ ତାଙ୍କୁ ଗୋଟି ଗୋଟି ହୋଇ ଦିଶିଗଲା । ସେ ନିମନ୍ତ୍ରଣ ପତ୍ର ଥିବା ପ୍ଲେଟ ସଙ୍ଗେ ନିମନ୍ତ୍ରଣ ପତ୍ରକୁ ଫିଙ୍ଗି ଦେଲେ । ତାଙ୍କର ଡାହାଣ ହାତ କାନ୍ଥରେ ମଡ଼ା ହୋଇଥିବା ଏକ ବସ୍ଥ ଆଇନା ଦେହରେ ପିଟି ହୋଇଗଲା । ଆଇନାଟା ହୂରକରି ତଳେ ପଡ଼ି ଟିକି ଟିକି ହୋଇ ଭାଙ୍ଗିଗଲା ।

ସେପେଇ ଘରୁ ସୁଲତା ଦୌଡ଼ିଆସି ଦେଖିଲା ଆଇନାଟା ତଳେ ପଡ଼ି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଛି । କମଲ ବାବୁ କାଠ ପରି ଠିଆ ହୋଇଛନ୍ତି ।

—ଶେଷ—